

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୫୮ ଭୁବନେଶ୍ୱର ଗୁରୁବାର, ଫେବୃୟାରୀ ୨୦.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.158 Bhubaneswar, Thursday, Februarry 20, 2025


# ରେଖା ଗୁପ୍ତା ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୯/୨: ସବୁ କଳ୍ପନାଜଳ୍ପନାର ଅନ୍ତ ହୋଇଛି। ଦିଲ୍ଲୀକୁ ମିଳିଛି ନୂଆ ତଥା ୯ମ ମୁଖ୍ୟମନ୍ତ୍ରୀ (ସିଏମ୍)। ବୁଧବାର ଦୀର୍ଘସମୟ ଧରି ଚାଲିଥିବା ବିଜେପି ବିଧାୟକ ଦଳ ବୈଠକରେ ପ୍ରଥମ ଥର ପାଇଁ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ୫୧ ବର୍ଷୀୟ ରେଖା ଗୁପ୍ତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ପାଇଁ ସର୍ବସହମତିକ୍ରମେ ଘୋଷଣା କରାଯାଇଛି। ବିଜେପିର ସଂସଦୀୟ ବୋର୍ଡ ପର୍ଯ୍ୟବେକ୍ଷକ ରବିଶଙ୍କର ପ୍ରସାଦ ଏବଂ ଓମ୍ ପ୍ରକାଶ ଧନକଡ଼ଙ୍କ ସହ ଅନ୍ୟ ବିଧାୟକମାନେ ସର୍ବସମ୍ମତିକ୍ରମେ ରେଖା ଗୁପ୍ତାଙ୍କୁ ବିଧାୟକ ଦଳ ନେତା ଭାବେ ମନୋନୀତ କରିଥିଲେ। ସେ ଆସନ୍ତାକାଲି ଅର୍ଥାତ୍ ୨୦ ତାରିଖ (ଗୁରୁବାର) ରାମଲୀଲା ମୈଦାନରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷହୋଇଛି। ପ୍ରକାଶ, ରେଖା ଗୁପ୍ତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ପରେ ସେ ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ହେବାର ଏକ କୃତୀତ୍ୱର ଅଧିକାରିଣୀ ହେବେ। ଦଳର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିବା ସହିତ ୩ ତିନି ଥର ମ୍ୟୁନିସିପାଲିଟି କାଉନସିଲର ହୋଇଥିବା ରେଖା ଗୁପ୍ତା ଏଥର ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି। ସେ ଶାଲିମାର ବାଗରୁ ନିର୍ବାଚନ ଜିତିଛନ୍ତି। ଶାଲିମାର ବାଗ ବିଧାନସଭା ଆସନରୁ ନିର୍ବାଚିତ ରେଖା ଗୁପ୍ତା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆପ୍‌ର ବନ୍ଦନା କୁମାରୀଙ୍କୁ ୨୯ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଥିଲେ। ରେଖା ଗୁପ୍ତାଙ୍କୁ ୬୮,୨୦୦ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବନ୍ଦନା କୁମାରୀଙ୍କୁ ୩୮,୬୦୫ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି କଂଗ୍ରେସ ପ୍ରାର୍ଥୀ ପ୍ରବୀଣ ଜୈନଙ୍କୁ ମାତ୍ର ୪,୮୯୨ ଖଣ୍ଡ ଭୋଟ୍ ମିଳିଥିଲା। ୧୯ ଜୁଲାଇ, ୧୯୭୪, ହରିଆଣାରେ ଜନ୍ମିତ ରେଖା ଗୁପ୍ତାଙ୍କ ରାଜନୈତିକ ଯାତ୍ରା



୧୯୯୨ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦୌଲତ ରାମ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରୁ ଆରମ୍ଭ ହୋଇଥିଲା। ସେ ୧୯୯୬-୯୭ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଗତ କିଛିବର୍ଷ ଧରି ରେଖା ଗୁପ୍ତା ବିଜେପିର ଜଣେ ବରିଷ୍ଠ ନେତା, ବିଜେପି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧକ୍ଷା ଏବଂ ଦିଲ୍ଲୀ ବିଜେପିର ସାଧାରଣ ସମ୍ପାଦିକା ଭଳି ପଦବୀରେ ରହିଛନ୍ତି। ୨୦୦୭ ମସିହାରେ ଉତ୍ତର ପିତମପୁରାରୁ କାଉନସିଲର ଭାବେ ସେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ରାଜନୀତି ପ୍ରତି ଅଧିକରୁ ଅଧିକ ରୁଚି ଦେଖାଇଥିଲେ। ତୃଣମୂଳ ସ୍ତରର ଆଭିମୁଖ୍ୟ ଏବଂ ଅତୁଟ ସମର୍ପଣ ପାଇଁ ଜଣାଶୁଣା ରେଖା ଗୁପ୍ତା ଭିତ୍ତିଭୂମି ବିକାଶ, ମହିଳା ସୁରକ୍ଷା ଏବଂ ସ୍ୱଚ୍ଛ ପ୍ରଶାସନ ଉପରେ ଧ୍ୟାନ ଦେଇ ପ୍ରଭାବଶାଳୀ ଶାସନର ଯୁଗ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦଳ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଚୟନ କରିବା ପରେ ସେ ଦଳୀୟ ନେତୃତ୍ୱଙ୍କୁ ଧନ୍ୟବାଦ ଦେବା ସହିତ ନିଷ୍ଠା ଓ ସଚ୍ଚୋଟତାର ସହିତ ଦିଲ୍ଲୀବାସୀଙ୍କ ସେବା କରିବେ ବୋଲି ପ୍ରତିଜ୍ଞା ନେଉଛନ୍ତି ବୋଲି କହିଛନ୍ତି। ବେଶ୍ କିଛି ଦିନ ଧରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚାଲିଥିବା ଦୌଡରେ ପରବେଶ ବର୍ମାଙ୍କ ସମେତ ଅନ୍ୟ କିଛି ବରିଷ୍ଠ ନେତାଙ୍କ ନାମ ଚର୍ଚ୍ଚାରେ ଥିଲେ ମଧ୍ୟ ବିଜେପିର କେନ୍ଦ୍ରୀୟ ନେତୃତ୍ୱ କିନ୍ତୁ ଜଣେ ମହିଳାଙ୍କୁ ଏଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ କରିବାକୁ ଚାହୁଁଥିଲେ। ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ନୂଆକରି ସରକାର ଗଠନ କରିବାକୁ ଯାଉଥିବା ବିଜେପି ରେଖା ଗୁପ୍ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରି ଚାଲିଥିବା ଚର୍ଚ୍ଚାକୁ ଶେଷ କରିଦେଇଛି। ତେବେ ପରବେଶ ବର୍ମାଙ୍କୁ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି କରାଯାଇଛି। ପରବେଶ ବର୍ମା, ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ, ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ପରାସ୍ତ କରିଛନ୍ତି।

## ଦାୟିତ୍ୱ ନେଲେ ନୂଆ ସିଇସି



ନୂଆଦିଲ୍ଲୀ, ୧୯/୨: ଦାୟିତ୍ୱ ଗ୍ରହଣ କଲେ ଦେଶର ନୂଆ ମୁଖ୍ୟ ନିର୍ବାଚନ ଆୟୁକ୍ତ(ସିଇସି)। ଆଇଏଏସ ଜ୍ଞାନେଶ କୁମାର ବୁଧବାର ୨୬ତମ ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜ୍ଞାନେଶ କୁମାର ୨୦୨୪ ମସିହା ମାର୍ଚ୍ଚ ମାସରୁ ନିର୍ବାଚନ ଆୟୁକ୍ତ ଭାବେ କାର୍ଯ୍ୟରତ ଥିଲେ ଏବଂ ସୋମବାର ତାଙ୍କୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ପଦୋନ୍ନତି ମିଳିଛି। ମଙ୍ଗଳବାର ରାଜୀବ କୁମାର ଅବସର ଗ୍ରହଣ କରିବାର ଗୋଟିଏ ଦିନ ପରେ ଜ୍ଞାନେଶ କୁମାରଙ୍କୁ ନିର୍ବାଚନ ଆୟୋଗର ପ୍ରମୁଖ ଦାୟିତ୍ୱ ଦିଆଯାଇଛି। ୨୦୨୯ ମସିହା ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ।ନବନିଯୁକ୍ତ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଦାୟିତ୍ୱ ଗ୍ରହଣ କରିବା ପରେ କହିଛନ୍ତି, ‘‘ରାଷ୍ଟ୍ର ନିର୍ମାଣ ପାଇଁ ପ୍ରଥମ ପଦକ୍ଷେପ ହେଉଛି ମତଦାନ। ତେଣୁ ଭାରତର ପ୍ରତ୍ୟେକ ନାଗରିକ, ଯିଏ ୧୮ ବର୍ଷ ପୂରଣ କରିଛନ୍ତି ସେ ଜଣେ ମତଦାତା ହେବା ଉଚିତ ଏବଂ ସର୍ବଦା ମତଦାନ କରିବା ଉଚିତ୍। ଭାରତର ସମ୍ବିଧାନ, ନିର୍ବାଚନ ଆଇନ, ନିୟମ ଏବଂ ସେଥିରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଭାରତର ନିର୍ବାଚନ ଆୟୋଗ ମତଦାତାଙ୍କ ସହ ଥିଲା, ଅଛି ଏବଂ ରହିବ।’’ ଏହା ବ୍ୟତୀତ ହରିୟାଣା କ୍ୟାଡରର ୧୯୮୯ ବ୍ୟାଚ୍ ଆଇଏଏସ ଅଧିକାରୀ ବିବେକ ଯୋଶୀ ମଧ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିବେକ ଯୋଶୀ(୫୮) ୨୦୩୧ ପର୍ଯ୍ୟନ୍ତ ଏହି ପଦବୀରେ ରହି କାର୍ଯ୍ୟ କରିବେ।

## ଆଇଏଏସ ପରି ହେଉ ଆଇଜେଏସ

ନୂଆଦିଲ୍ଲୀ, ୧୯/୨: ଦେଶରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ), ଭାରତୀୟ ପୁଲିସ ସେବା(ଆଇପିଏସ) ଭଳି ଭାରତୀୟ ଜୁଡିସିଆଲ ବା ନ୍ୟାୟିକ ସେବା(ଆଇଜେଏସ) ପରୀକ୍ଷା କରାଯିବା ଜରୁରୀ ବୋଲି କହିଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼। ଓଟିଭିର ଫୋରସାଇଟ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଅଣାଯିବା ଉଚିତ। ଖାଲିପଡ଼ିଥିବା ବିଚାରପତି ପଦବୀ ତୁରନ୍ତ ପୂରଣ ହେବା ଦରକାର। ଏଥିପାଇଁ ଆଇଏଏସ ପରୀକ୍ଷା ଭଳି ଅଲ ଇଣ୍ଡିଆ ଜୁଡ଼ିସିଆଲ ସର୍ଭିସ ବ୍ୟବସ୍ଥା ଆପଣାଇବା ଆବଶ୍ୟକ। ଚନ୍ଦ୍ରଚୂଡ଼ ତଳକୋର୍ଟରେ ଚାଲିଥିବା ବିଚାର ବ୍ୟବସ୍ଥା ନେଇ ସ୍ପଷ୍ଟ ମତ ରଖିଥିଲେ। ଜିଲା ଜଜ୍ କୋର୍ଟରେ ବେଲ ନ ମିଳିବା ନେଇ ସେ ଉଦବେଗ ପ୍ରକାଶ କରିଥିଲେ।

## ନୀତି ଆୟୋଗ ରିପୋର୍ଟରେ ଓଡିଶା ପ୍ରଥମ

ଭୁବନେଶ୍ୱର,୧୯/୨: ଓଡିଶାର ଆର୍ଥିକ ସ୍ୱାସ୍ଥ୍ୟ ଅବସ୍ଥା ସାରା ଦେଶରେ ବହୁତ ଭଲ ଅଛି । ଭାରତ ସରକାରଙ୍କ ନୀତି ଆୟୋଗର ଫିସ୍‌କାଲ୍ ହେଲ୍‌ଥ ଇଣ୍ଡେକ୍ସ (ଏଫ୍‌ଏଚ୍‌ଆଇ) ରେ ଓଡିଶା ଶୀର୍ଷ ସ୍ଥାନରେ ରହିଥିବାବେଳେ ପଞ୍ଜାବ ଶେଷରେ ରହିଛି । ଓଡିଶା ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ଏଫ୍‌ଏଚ୍‌ଆଇ-୨୦୨୫ର ସ୍କୋର ଦିଆଯାଇଛି । ୨୦୨୨-୨୩ ବର୍ଷର ବିତ୍ତୀୟ ପରିଚାଳନା ବିଶେଷକରି ଆୟ, ବ୍ୟୟ, ଋଣ ପରିଚାଳନା, ରାଜସ୍ୱ ସଂଗ୍ରହ ଆଦି ଆଧାରରେ ଏହି ସ୍କୋର ପ୍ରସ୍ତୁତ ହୋଇଛି । ଏ କ୍ଷେତ୍ରରେ ଓଡିଶା ୬୭.୮ ନମ୍ବର ପାଇ ଶୀର୍ଷ ସ୍ଥାନରେ ଥିବାବେଳେ ପଞ୍ଜାବ ୧୦.୭ ନମ୍ବର ସ୍କୋର କରି ସବା ତଳେ ରହିଛି । ଏଫ୍‌ଏଚ୍‌ଆଇ ସ୍କୋର ତାଲିକାରେ ୫୫.୨ ନମ୍ବର ରଖିଥିବା ଛତିଶଗଡ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗୋଆ ତୃତୀୟ ଓ ଝାଡଖଣ୍ଡ ଚତୁର୍ଥ ସ୍ଥାନରେ ରହିଛି । ଦେଶର ଅନ୍ୟତମ ଆର୍ଥିକ ସମୃଦ୍ଧ ରାଜ୍ୟ ବୋଲି କୁହାଯାଉଥିବା ଗୁଜୁରାଟ ଓ ମହାରାଷ୍ଟ୍ର ଏଫ୍‌ଏଚ୍‌ଆଇ ସ୍କୋରରେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି । ଗୁଜୁରାଟର ସ୍କୋର ୫୦.୫ ଥିବାବେଳେ ମହରାଷ୍ଟ୍ରର ୫୦.୩ ରହିଛି । ଉତ୍ତରପ୍ରଦେଶ ଏ କ୍ଷେତ୍ରରେ ସପ୍ତମ ସ୍ଥାନରେ ଥିବାବେଳେ ତେଲେଙ୍ଗାନା, ମଧ୍ୟପ୍ରଦେଶ, କର୍ଣାଟକ, ତାମିଲନାଡୁ, ରାଜସ୍ଥାନ, ବିହାର, ହରିଆନା, କେରଳ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଯଥାକ୍ରମେ ମହାରାଷ୍ଟ୍ର ପଛକୁ ରହିଛନ୍ତି । ଏଫ୍‌ଏଚ୍‌ଆଇରେ ଏହି ସ୍କୋର ୨୦୨୨-୨୩ ବର୍ଷରେ ଓଡିଶାର ବିତ୍ତୀୟ ପରିଚାଳନା ପାଇଁ ବେଶ୍ ଦାମୀ ସାର୍ଟିଫିକେଟ ବୋଲି କୁହାଯାଉଛି । ଓଡିଶାର ଆର୍ଥିକ ପ୍ରସଙ୍ଗ ଘେନି ରାଜନୈତିକ ଦଳମାନେ ଯେତେ କାଦୁଅ ଫିଙ୍ଗାଫିଙ୍ଗି ହେଲେ ମଧ୍ୟ ନୀତି ଆୟୋଗର ଏହି ରିପୋର୍ଟ ଏକ ପ୍ରକାର ସମସ୍ତଙ୍କ ମୁହଁ ବନ୍ଦକରି ଦେଇଛି । ଅନ୍ୟ ପକ୍ଷରେ ଓଡିଶାର ମୁଣ୍ଡପିଛା ଆୟ ବି ଢେର ବୃଦ୍ଧି ପାଇଛି । ୨୦୨୪-୨୫ ବର୍ଷରେ ଜାତୀୟ ସ୍ତରରେ ମୁଣ୍ଡପିଛା ଆୟ ୨,୦୦,୧୬୨ ଟଙ୍କା ଥିବାବେଳେ ଓଡିଶାରେ ଏହା ୧,୮୨,୫୪୮ ଟଙ୍କାରେ ପହଞ୍ଚିଛି । ଏଠାରେ ଉଲ୍ଲେଖନୀୟ ଯେ ୨୦୧୫-୧୬ ବେଳକୁ ଓଡିଶାରେ ମୁଣ୍ଡପିଛା ଆୟ ପରିମାଣ ୬୪,୮୩୫ ଟଙ୍କା ଥିବାବେଳେ ଏହା ବଢି ବଢି ୨୦୧୯-୨୦ରେ ୧,୦୪,୬୩୩ ଟଙ୍କାରେ ପହଞ୍ଚିଥିଲା । ୨୦୨୨-୨୩ ବର୍ଷରେ ଓଡିଶାର ଲୋକଙ୍କ ମୁଣ୍ଡପିଛା ହାରାହାରି ବାର୍ଷିକ ଆୟ ପରିମାଣ ୧,୪୩,୦୫୯ ଟଙ୍କା ଥିବାବେଳେ ୨୦୨୩-୨୪ ବର୍ଷରେ ତାହା ୧,୬୫,୦୬୮ ଟଙ୍କାରେ ପହଞ୍ଚିଥିଲା । ମୋଟାମୋଟି ଭାବେ ଗତ ୩୦ବର୍ଷ ମଧ୍ୟରେ ମୁଣ୍ଡପିଛା ଆୟ କ୍ଷେତ୍ରରେ ଓଡିଶାର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିବା ସରକାରୀ ରିପୋର୍ଟ କହୁଥିଲେ ମଧ୍ୟ ରାଜ୍ୟରେ ଏବେ ବି ଅନଗ୍ରସରତା ଓ ଦାରିଦ୍ର୍ୟ ଲାଗି ରହିଥିବାରୁ ସଂଖ୍ୟାଧିକ ଲୋକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଉପରେ ନିର୍ଭରଶୀଳ । ଓଡିଶାରେ ୩.୩୫ କୋଟିରୁ ଅଧିକ ଲୋକ ମାଗଣା ଚାଉଳ ନେଉଥିବାବେଳେ ପାଖପାଖି ୫୮ଲକ୍ଷ ଲୋକଙ୍କୁ ବିଭିନ୍ନ କିସମର ଭତ୍ତା ଦିଆଯାଉଛି । ଏହା ସତ୍ତ୍ୱେ ବି ବେକାରୀ ଓ ବେରୋଜଗାରୀ ସମସ୍ୟା ଲାଗି ରହିଥିବାରୁ ରାଜ୍ୟରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ବାଧ୍ୟ ବାଧକତାରେ ଦାଦନ ଖଟିବାକୁ ଯାଉଛନ୍ତି ।

## ଆଜି ଠାରୁ ୪ ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର ,୧୯/୨: ଆସୁଛି ବର୍ଷା । ପୁଣି ଭିଜିବ ଓଡିଶା । ପଶ୍ଚିମାଝଡ ସହ ଟ୍ରଫ୍‌ଲାଇନ ସକ୍ରିୟ ରହିଛି । ଏହାର ପ୍ରଭାବରେ ଫେବୃଆରୀ ୨୦ରୁ ୨୩ ତାରିଖ ଅର୍ଥାତ୍ ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବା ନେଇ ବୁଧବାର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅର୍ଦ୍ଧାଧିକ ଜିଲାରେ ବର୍ଷା ସମ୍ଭାବନା ରହିଛି । ୨୦ ତାରିଖରେ ୩ ଜିଲାକୁ ଅରେଞ୍ଜ ଓ ୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୧ ତାରିଖରେ ୭ ଜିଲାକୁ ଅରେଞ୍ଜ ଓ ୧୨ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୨ ଓ ୨୩ ତାରିଖରେ ମଧ୍ୟ ଉତ୍ତର ଓ ଉପକୂଳରେ ବର୍ଷା ସମ୍ଭାବନା ରହିଛି । ବିଜୁଳି ଘଡଘଡି ସହ ଝଡ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱରକୁ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଅପରାହ୍ଣ ସମୟରେ ବଜ୍ରପାତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କତା ଜାରି କରିଛି ।



## ଓଡ଼ିଶାକୁ ମିଳିଲା ୨୫୫.୨୪ କୋଟିର ଅତିରିକ୍ତ କେନ୍ଦ୍ରୀୟ ସହାୟତା

ଭୁବନେଶ୍ୱର,୧୯/୨: କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି (ଏଚଏଲସି) ୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ପାଞ୍ଚଟି ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଏହି ପାଞ୍ଚଟି ରାଜ୍ୟର ଲୋକଙ୍କୁ ସାହାଯ୍ୟ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଚ୍ଚସ୍ତରୀୟ କମିଟି ଏନଡିଆରଏଫ ଅଧୀନରେ ପାଞ୍ଚଟି ରାଜ୍ୟକୁ ୧୫୫୪.୯୯ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି, ଯାହା କି ଚଳିତ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦% ଆଡଜଷ୍ଟମେଣ୍ଟ ଅଧୀନରେ ରହିବ। ମୋଟ ୧୫୫୪.୯୯ କୋଟି ଟଙ୍କା ମଧ୍ୟରୁ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି ଟଙ୍କା, ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା, ତେଲଙ୍ଗାନା ପାଇଁ ୨୩୧.୭୫ କୋଟି ଟଙ୍କା ଏବଂ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କା ରହିଛି।

# ଛତିଶଗଡ଼ କବ୍‌ଜାରେ ଇବ୍ ନଦୀ

## ଉପରମୁଣ୍ଡରେ ଜଳଧାର, ତଳମୁଣ୍ଡରେ ହାହାକାର

ସୁନ୍ଦରଗଡ଼,୧୯/୨: ଶୀତ ଯାଇନି, କିନ୍ତୁ ସୁନ୍ଦରଗଡ଼ର ଜୀବନରେଖା ଇବ୍ ନଦୀ ଶୁଖିଲା ପଡ଼ିଲାଣି। ଫେବ୍ରୁଆରିରେ ନଦୀ ଶୁଖିଲା ପଡ଼ିଥିବା ବେଳେ ଆଗକୁ ତାତି ବଢ଼ିଲେ ସ୍ଥିତି କ’ଣ ହେବ ଏବେଠୁ ଜଳଜଳ ଦିଶୁଛି। ତେବେ ଆଗରୁ ଚିରସ୍ରୋତା ଥିବା ଏହି ନଦୀର ଦୁରବସ୍ଥା ପଛରେ ରହିଛି ପଡ଼ୋଶୀ ଛତିଶଗଡ଼ର ଚକ୍ରାନ୍ତ। ମହାନଦୀକୁ ନିୟନ୍ତ୍ରଣରେ ରଖିଥିବା ଏହି ରାଜ୍ୟ ଏହାର ପ୍ରମୁଖ ଉପନଦୀ ଇବ୍‌କୁ ମଧ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଛି। ନଦୀର ଉପରମୁଣ୍ଡରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରି ଗୋଟିଏ ପରେ ଗୋଟିଏ ବନ୍ଧ ବାନ୍ଧି ପାଣିକୁ ଅଟକାଇ ଦେଉଛି। ବର୍ଷା ଋତୁ ବ୍ୟତୀତ ଅନ୍ୟ ସମୟରେ ଟୋପାଏ ବି ପାଣି ତଳକୁ ଛାଡୁ ନଥିବାରୁ ଖରା ନ ଆସୁଣୁ ଇବ୍ ନଦୀ ଶୁଖି ଯାଇଛି। ଯେଉଁଥି ପାଇଁ କିଛି ବର୍ଷ ହେଲା ଓଡ଼ିଶାର ଦୁଇ ପ୍ରମୁଖ ଜିଲ୍ଲା ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଠିକ୍ ଏହି ସମୟରେ ଭୋଗୁଛନ୍ତି ଉକ୍ରଟ ଜଳସଂକଟ। ଏ ସ୍ଥିତିରେ ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଓଡ଼ିଶା ସରକାରଙ୍କ ଇବ୍ ବ୍ୟାରେଜ୍ ନିର୍ମାଣ ଶେଷ ହେଉ ନଥିବାରୁ ସୁନ୍ଦରଗଡ଼ରେ ପାଣି କେବେ ଅଟକିବ ବୋଲି ଲୋକେ ପ୍ରଶ୍ନ ଉଠାଉଛନ୍ତି। ଛତିଶଗଡ଼ର କୁନ୍‌କୁରିରୁ ବାହାରିଥିବା ଇବ୍‌ନଦୀ ସୁନ୍ଦରଗଡ଼ ଦେଇ ଝାରସୁଗୁଡ଼ା ଜିଲ୍ଲାର ଲଖନପୁରଠାରେ ମହାନଦୀରେ ମିଶିଛି। ସୁନ୍ଦରଗଡ଼ ଜିଲ୍ଲାର ଉପରମୁଣ୍ଡ ତେଲିଯୋରଠାରୁ ଶେଷ ମୁଣ୍ଡ ଭଷ୍ମା ଯାଏ ୭୦ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ନଦୀ ସୁନ୍ଦରଗଡ଼ ସହରର ପାନୀୟ ଜଳଯୋଗାଣର ଏକ ବଡ଼ ଉତ୍ସ। ସୁନ୍ଦରଗଡ଼ ସହର ସମେତ ଜିଲ୍ଲାର ବାଲିଶଙ୍କରା, ସବ୍‌ଡେଗା ଏବଂ ଟାଙ୍ଗରପାଲି ବ୍ଲକ୍‌ରେ ଚାଷବାସ ପାଇଁ ମଧ୍ୟ ଏହାର ଅବଦାନ ରହିଛି। କିନ୍ତୁ ୨୦୦୭ରୁ ଛତିଶଗଡ଼ ଜଳସମ୍ପଦ ବିଭାଗ କୁନ୍‌କୁରିଠାରୁ ୩୦ କିଲୋମିଟର ଦୂର ଗୁଲ୍ଲୁ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ଶେଷ କରିବା ପରେ ବେନେଠାରେ ଜଳସେଚନ ପ୍ରକଳ୍ପ ଓ ଓଡ଼ିଶା ସୀମାରୁ ୨୦ କିଲୋମିଟର ଦୂର ସମଡମାଠାରେ ଏକ ଆନିକଟ ନିର୍ମାଣ କରିବାରୁ ନଦୀ ଉପର ମୁଣ୍ଡରେ ହିଁ ବନ୍ଦୀ ହୋଇଯାଇଛି। ଇବ୍ ପାଣିରୁ ଛତିଶଗଡ଼ରେ ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ଚାଲିଥିବାବେଳେ ତଳମୁଣ୍ଡ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାରେ ପାଣି ଟୋପେ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ତେବେ ଇବ୍‌ନଦୀକୁ ଛତିଶଗଡ଼ କବ୍‌ଜା କରିବାର ବହୁ ଦଶନ୍ଧି ପୂର୍ବରୁ ୧୯୮୦ରେ ବାଲିଶଙ୍କରା ବ୍ଲକ୍ କଟନିଡିହିଠାରେ ଯୁଗୀଯୁଗେନ୍ ଦୁଇ ପାହାଡ଼ ମଝିରେ ଇବ୍ ନଦୀରେ ୧୨ ଶହ କୋଟି ବ୍ୟୟରେ ବୃହତ୍ ବନ୍ଧ ତିଆରି ପାଇଁ ଯୋଜନା ହୋଇଥିଲା। ତଳସରା ନିର୍ବାଚନମଣ୍ଡଳୀର ୧୦ ଗାଁ ସମ୍ପୂର୍ଣ୍ଣ ଓ ୨୦ ଗାଁ ଆଂଶିକ ଭାବେ ଜଳମଗ୍ନ ହେବାକୁ ଥିବାରୁ ତତ୍କାଳୀନ ବିଧାୟକ ଗଜାଧର ମାଝୀ ବନ୍ଧ ବିରୋଧରେ ସ୍ୱର ଉଠାଇଥିଲେ। ଫଳରେ ବନ୍ଧ ବାତିଲ ହୋଇ ଯାଇଥିଲା। ତା’ ପରଠାରୁ ଇବ୍‌ନଦୀରେ ବନ୍ଧ ବାନ୍ଧିବା କଥାକୁ ଭୁଲି ଯାଇଥିଲେ ରାଜ୍ୟ ସରକାର। ଏହାର ୩୦ ବର୍ଷ ପରେ ତତ୍କାଳୀନ ବିଧାୟକ ଯୋଗେଶ କୁମାର ସିଂ ସୁନ୍ଦରଗଡ଼ ସହରର ପାନୀୟ ଜଳ ସଙ୍କଟ ଦୂର କରିବା ଓ ପ୍ରାୟ ୧୦ ହଜାର ହେକ୍ଟର ଜମି ଜଳସେଚନ ପରିକଳ୍ପନାରେ କୋପସିଂହିଠାରେ ଇବ୍ ବ୍ୟାରେଜ ପାଇଁ ପ୍ରସ୍ତାବ ଦେଇଥିଲେ। ୨୦୧୦-୧୧ ଆର୍ଥିକ ବର୍ଷରେ ୪ ଶହ କୋଟିର ଇବ୍ ବ୍ୟାରେଜ୍ ପ୍ରକଳ୍ପ ଜଳ ସମ୍ପଦ ବିଭାଗର ଅନୁମୋଦନ ଲାଭ କରିଥିଲା। ତତ୍କାଳୀନ ଜଳସମ୍ପଦ ବିଭାଗ ସଚିବ ସୁରେଶ ମହାପାତ୍ର ଏହାକୁ ଗୁରୁତ୍ୱର ସହ ନେଇଥିଲେ। ତେବେ ସୁରେଶ ମହାପାତ୍ରଙ୍କ ବଦଳି ହୋଇଯିବା ପରେ ପରବର୍ତ୍ତୀ ସଚିବ ପ୍ରଦୀପ ଜେନା ଅର୍ଥାଭାବ ଦର୍ଶାଇ ପ୍ରକଳ୍ପର ବ୍ୟୟ ଅଟକଳ ୫୦ କୋଟିକୁ ହ୍ରାସ କରିଥିଲେ। ପରେ ତାହା ବି ମିଳିଲା ନାହିଁ ଓ ପ୍ରକଳ୍ପର ଦସ୍ତାବିଜ ଅଳିଆଗଦାକୁ ଚାଲିଗଲା। ଏହା ପରଠାରୁ ବିଭିନ୍ନ ସମୟରେ ନଦୀରେ ବ୍ୟାରେଜ୍, ଆନିକଟର ପ୍ରସ୍ତାବ ଆସିଥିଲା। କିନ୍ତୁ ସର୍ବେକ୍ଷଣ, ଡିପିଆର, ଅନୁମୋଦନ, ଆର୍ଥିକ ମଞ୍ଜୁରିରେ ଅନେକ ବର୍ଷ ବିତିଗଲା। ଶେଷକୁ ୨୦୨୨ ଜାନୁଆରି ୧୦ରେ ନଦୀର କୋପସିଂହା ଓ କୁଡ଼ାବଗାଠାରେ ୪୯୩ କୋଟିର ବ୍ୟାରେଜ୍ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଏଥିରେ ସୁନ୍ଦରଗଡ଼ ପୌରାଞ୍ଚଳ ସହ ସଦର ବ୍ଲକ୍, ଲେଫ୍ରିପଡ଼ା, ବାଲିଶଙ୍କରା ଓ ଟାଙ୍ଗରପାଲି ବ୍ଲକ୍‌ର ୪୭ ହଜାର ଲୋକେ ପ୍ରତ୍ୟକ୍ଷ ଭାବେ ଉପକୃତ ହେବା ସହ ୪୮୮



ହେକ୍ଟର ଜମି ଜଳସେଚିତ ହେବ ବୋଲି ଆଶା ଦେଖାଇଥିଲେ ରାଜ୍ୟ ସରକାର। ୨ ବର୍ଷରେ ବନ୍ଧ କାମ ଶେଷ ହେବ ବୋଲି ଜଳସମ୍ପଦ ବିଭାଗ ଘୋଷଣା କରିଥିଲା। କିନ୍ତୁ ଶିଳାନ୍ୟାସକୁ ୩ ବର୍ଷ ବିତିଗଲାଣି। ବ୍ୟାରେଜ୍ କାର୍ଯ୍ୟ ପ୍ରାଥମିକ ପର୍ଯ୍ୟାୟରୁ ବିଶେଷ ଆଗେଇ ପାରିନାହିଁ। ଉଲ୍ଲେଖଯୋଗ୍ୟ, ୨୦୨୩ ମେ’ରେ ମହାନଦୀ ଜଳ ବିବାଦର ସ୍ଥିତି ଅନୁଧ୍ୟାନ କରିବାକୁ ଝାରସୁଗୁଡ଼ା ଆସିଥିବା ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍ ୨୨ ତାରିଖରେ ସୁନ୍ଦରଗଡ଼ ସବ୍‌ଡେଗା ବ୍ଲକ୍‌ସ୍ଥିତ କଟିଙ୍ଗିଡିହି ଉଗୋପାଲିରେ ୧୯୮୦ରୁ ପ୍ରସ୍ତାବିତ ଇବ୍ ବନ୍ଧ ପ୍ରକଳ୍ପ (ଯୁଗିଯୁଗେନ୍ ଡ୍ୟାମ୍) ପରିଦର୍ଶନ କରିଥିଲେ। ଏହାସହ ଉପରମୁଣ୍ଡରେ ଛତିଶଗଡ଼ର ଏକାଧିକ ବନ୍ଧ ଯୋଗୁ ତଳମୁଣ୍ଡ ସୁନ୍ଦରଗଡ଼ରେ ଶୁଖିଲା ପଡ଼ିଥିବା ଇବ୍‌ନଦୀକୁ ଦେଖିଥିଲେ। ଟିମ୍ ଅଧଘଣ୍ଟା ଧରି ଇବ୍ ନଦୀର ସ୍ଥିତି ନିରୀକ୍ଷଣ କରିବା ସହ ଅଧିକାରୀମାନଙ୍କ ସହ ପ୍ରସ୍ତାବିତ ବନ୍ଧ ସମ୍ପର୍କରେ ଆଲୋଚନା କରି ଫେରିଯାଇଥିଲେ। ଏସବୁ ପରିଦର୍ଶନ, ନିରୀକ୍ଷଣ ଓ ବ୍ୟାରେଜ ନିର୍ମାଣ ମଧ୍ୟରେ ଇବ୍‌ନଦୀରେ ପାଣି କେବେ ଅଟକିବ ଓ ସୁନ୍ଦରଗଡ଼ର ଜଳସଂକଟ ଦୂର ହେବାକୁ ଆଉ କେତେ ବର୍ଷ ଲାଗିବ, ତାହା ଦେଖିବାକୁ ବାକି ରହିଛି।

# ରାୟଗଡା ଭିନ୍ନକ୍ଷମ ମହାସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

**ରାୟଗଡ,୧୯/୨(ନି.ପ୍ର):** ଆଜି ସ୍ଥାନୀୟ ହାଲୁଆ ତୋଟା ଠାରେ ରକ୍ଷୟଗଡ଼ ଭିନ୍ନକ୍ଷମ ମହାସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଞ୍ଜାମ ଭିନ୍ନକ୍ଷମ ମହାସଂଘର ସଭାପତି ଶ୍ରୀ ଆନନ୍ଦ ରାଓ ଯୋଗଦାନ କରି ନିଜର ବକ୍ତବ୍ୟରେ ସମବେତ ଭିନ୍ନକ୍ଷମ ମାନଙ୍କୁ ସମ୍ବର୍ଦ୍ଧିତ କରି କହିଲେ ଯେ ଭିନ୍ନକ୍ଷମ ହେଉଛନ୍ତି ସାକ୍ଷାତ ଭଗବାନ ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତଙ୍କ ଦାୟିତ୍ୱ ତାସହ ଭିନ୍ନକ୍ଷମ ମାନଙ୍କ ଅଧିକାର ପାଇଁ ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ଏକତ୍ରିତ ହେବା ନିମନ୍ତେ ଆହ୍ୱାନ କରିଥିଲେ । ଏହି ପରୀପ୍ରେକ୍ଷୀରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପୁଷ୍ପଲତା ଦିକ୍ସିଟ ଯୋଗଦେଇ ତାଙ୍କ ଅଭିଭାଷଣରେ ଉପସ୍ଥିତ ଦିବ୍ୟାଙ୍ଗ ଙ୍କ ଏକତ୍ରିତ ହେବା ନିମନ୍ତେ ଆହ୍ୱାନ କରିବା ସମେତ ସରକାରୀ ଯୋଜନା ର ଲାଭ ଉଠାଇବା ନିମନ୍ତେ ସଚେତନ କରାଇ ଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଶ୍ରୀ ବସନ୍ତ ପ୍ରଧାନ ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ଅଭିଭାଷଣ ରଖିବା ସହ ଭିନ୍ନକ୍ଷମ ସଶକ୍ତି କରଣ ଓ ସମାବେଶି ସମାଜ ଗଠନ ଉପରେ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ଆଲୋକପାତ କରାଇ ଥିଲେ । ଏହି କାର୍ଯ୍ୟକର୍ମ ରେ ଅତିଥି ଭାବେ ଅବସର ପ୍ରାପ୍ତ ବିଶେଷଜ୍ଞ ଶିକ୍ଷା ତଥା ବୁଦ୍ଧିଜୀବୀ ଓ ସମାଜସେବୀ ଭାବେ ପରିଚିତ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କ ଜୀବନର ଉଦ୍ଦେଶ୍ୟ ବିଷୟ ଦିଗଦର୍ଶନ କରିବା ସହ ସେମାନଙ୍କ ପାଖରେ ଏକ ଭିନ୍ନ ପ୍ରକାର ଶକ୍ତି ଥିବା କଥା କହି ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କ



ମନବଳ ବଢାଇ ଥିଲେ । ଏହି କାର୍ଯ୍ୟକର୍ମ ରେ ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଶ୍ରୀ ସୁପ୍ରିତ୍ ସନ୍ତୋଷ ବଛା ଯୋଗ ଦେଇ ଭିନ୍ନକ୍ଷମ ପ୍ରତିଭା ମାନଙ୍କ ମନ ବଳ ବଢାଇବା ସହ ସେମାନଙ୍କୁ ସଙ୍ଗୀତ ପରିବେଷଣ ରେ ଅଗ୍ର ଅଗ୍ରାଧିକାର ଦିଆ ଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ପରେ ସଂଘ ର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଦସ୍ୟ ମାନଙ୍କୁ ସେମାନଙ୍କ କାର୍ଯ୍ୟ ନିମନ୍ତେ ସମ୍ମାନିତ ଉପସ୍ଥିତ ଅତିଥି ଙ୍କ ଦ୍ୱାରା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଏଗାର ଟି ବ୍ଲକ୍ , ମୁନିସିପାଲିଟି ଏନ୍ ଏ ସି ରୁ ସମସ୍ତ ଭିନ୍ନକ୍ଷମ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶେଷରେ ସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ଅତିଥି , ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।

# ଉଦଯାପିତ କେନାଭେଟା ଦେଓଘର ମାଗେ ପରବ

**ବଣାଇ,୧୯/୨(ନି.ପ୍ର):** ଆଦିବାସି ଙ୍କ ମୁଖ୍ୟ ପର୍ବ ହେଉଛି ମାଗେ ପରବ୍ । ଚାଲିଛି ଖୁସିମଜା । ଝୁମୁଛନ୍ତି ଲୋକେ । ପାରମ୍ପରିକ ବାଦ୍ୟର ତାଳେତାଳେ ନାଚୁଛନ୍ତି ପିଲାରୁ ବୁଢା । ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି ମାଗେ ପରବ ଚଳଚଞ୍ଚଳ ହୋଇ ଉଠିଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ୍ ମାଲଦା ପଞ୍ଚାୟତ ଅନ୍ତର୍ଗତ କେନାଭେଟା ଓ ଦେଓଘର ଗ୍ରାମ । ବେଶ ଧୁମଧାମରେ ପାଳନ କରାଯାଏ ମାଗେ ପରବ୍ ଏଠାରେ ବସବାସ କରୁଥିବା ଆଦିବାସୀଙ୍କ ମୁଖ୍ୟ ପର୍ବ ହେଉଛି ଏହି ମାଗେ ପରବ୍ । ଧୀରେଧୀରେ ଆଦିବାସୀଙ୍କ ପରମ୍ପରା ଲୋପ ପାଇ ଆସୁଥିବା ବେଳେ ଏହି ମାଗେ ପରବ ପୁଣିଥରେ ଉଜ୍ଜୀବିତ କରୁଛି ଭାଇଚାରାର ଭାବ କୁ ବଞ୍ଚାଇବା କୁ ପ୍ରୟାସ ଜାରି ରଖିଛି ଦେଓଘର ଓ କେନାଭେଟା ଆଦିବାସି ସଂଘ । ଏହି ଅବସରରେ ମୁଖ୍ୟ ଅତିଥି ଭବେ ସି ପି ଆଇ ଏମ୍ କୋଇଡା ଆଞ୍ଚଳିକ କମିଟି ସମ୍ପାଦକ



ପ୍ରଭାତ କୁମାର୍ ପଣ୍ଡା, ଓ ସମ୍ମାନିତ ଅତିଥି ଭବେ ମାଲଦା ସରପଞ୍ଚ ସୁରୁବାଲି ପାତ୍ର, ବିଶିଷ୍ଟ ସମାଜ ସେବୀ ଟିକେଶ୍ୱର ପାତ୍ର, ସୁନ୍ଦରଗଡ ଜିଲ୍ଲା ହୋ ସମାଜ ସଭାପତି କଲ ସୁନିଆଁ ବଦ୍ରା, ସମ୍ପାଦକ ପାଣ୍ଡୁ ଚାମ୍ପିଆ ବ୍ଲକ୍ ସଭାପତି ସୁରେଶ ହୋନହାଗା ପାଇକି ମୁଣ୍ଡା ଆଶୁତୋଷ ସିହ୍ନା,ତପନ କୁମାର ପାତ୍ର, ବାଦଲ ବାରିକ,ଦିବାକର ନାଏକ ଯୋଗ ଦେଇ ଆୟଜକ ମାନଙ୍କୁ ସାଧୁବାଦ୍ ଜଣାଇଛନ୍ତି । ଏହି ମାଗେ ପରବ୍ ପାଇଁ ଦୂରଦୂରାନ୍ତରେ ରହୁଥିବା ଏମାନଙ୍କ ଆତ୍ମୀୟସ୍ୱଜନ ମାନେ ଆସି ଏଥିରେ ସାମିଲ ହୋଇଥାନ୍ତି ।ସମସ୍ତେ ନୂଆ ବସ୍ତ୍ର ପରିଧାନ କରି ସଜେଇ ହୋଇ ଏହି ପରବ୍ ରେ ନିଜକୁ ହଜେଇ ଦିଅନ୍ତି ଆଦିବାସୀ । ଦିନରେ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ ଅନ୍ଧ ପୁଟୁଳି, ମେଜିକ ଚ୍ୟା, ଓ ଅନ୍ୟାନ୍ୟ ଖେଳ ପ୍ରଦର୍ଶନ କରିଥିଲେ ଓ ସନ୍ଧ୍ୟା ମୁଖ୍ୟ ଆକର୍ଷଣ ହୋ ଷ୍ଟାର ଚୌଧୁରୀ ସହିତ ଅନେକ ଆଦିବାସୀ ଅଭିନେତା ଅଭିନେତ୍ରୀ ସଙ୍ଗୀତ ସାଙ୍ଗକୁ ଡାନ୍ସ ଧମକା ପ୍ରଦର୍ଶନ କରିଥାନ୍ତି । ସତରେ ବେସ୍ ନିଆରା କେନାଭେଟା ଦେଓଘର ଆଦିବାସୀ ମାନଙ୍କର ଏହି ମାଗେ ପରବ୍ ।

# ଜେଏସଡବ୍ଲୁ ପ୍ରଦୂଷଣରେ ଅଞ୍ଚଳ ବାସୀ ଅଣନିଃଶ୍ୱାସୀ !
## ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରା ରେ

**କଳିଙ୍ଗନଗର୧୯/୨(ନି.ପ୍ର):** କଳିଙ୍ଗନଗର ରେ ଥିବା ଜେଏସଡବ୍ଲୁ ପ୍ରଦୂଷଣରେ ଅଞ୍ଚଳ ବାସୀ ଅଣନିଃଶ୍ୱାସୀ ହୋଇପଡ଼ିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ । ପୂର୍ବରୁ କାରଖାନା କୁ ବାରମ୍ବାର ନୋଟିସ୍ ଜାରି କରିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ପୂର୍ବରୁ କରୁଥିବା ପ୍ରଦୂଷଣ ମାତ୍ରା ଠାରୁ ବର୍ତ୍ତମାନ ଆହୁରି ଅଧିକ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳିଛି । ଇଡିକୋ ଓ ଅନ୍ୟ ବିଭାଗ ର କିଛି ଅସାଧୁ ସରକାରୀ କର୍ମଚାରୀ ମାନଙ୍କୁ ନିଜ ସପକ୍ଷରେ ରଖି ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କ ଜୀବନ କୁ ଅଲୋଡା ଭାବି ମନଇଛା ଦୁର୍ନୀତି କରିବା ସହିତ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳିଛି । କାରଖାନା ସ୍ଥାପନ କରିବା ପାଇଁ ଜେଏସଡବ୍ଲୁ ସିମେଣ୍ଟ ରାଜ୍ୟ ସରକାର ଙ୍କ ଠାରୁ ୧୮.୮ ଏକର ପରିମିତ ଜମି ପ୍ରଦାନ କରିବା ସମୟରେ



ଯେଉଁ ସବୁ ନିୟମ ପାଳନ କରିବା ପାଇଁ କାରଖାନା ପ୍ରତିଶ୍ରୁତି ଦେଇଥିଲେ । ତାହା କୁ ଅଣଦେଖା କରୁଥିବା ଦେଖିବାକୁ ମିଳିଛି । ଜେଏସଡବ୍ଲୁ ୧.୨ ନିୟୁତ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସିମେଣ୍ଟ କାରଖାନା ସ୍ଥାପନ ସମୟରେ ପରିବେଶ ପ୍ରଦୂଷଣ କରିବନାହିଁ । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ରେ ଅଗ୍ରାଧିକାର ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଲିଖିତ ପ୍ରଦାନ କରିଛନ୍ତି । ମାତ୍ର ଦୁଃଖର ବିଷୟ କି ଯାଜପୁର ଜିଲ୍ଲା ରୁ ଜଣେ କେହି କମ୍ପାନୀ ର ଅଧିକାରୀ ରୂପରେ ଦେଖିବାକୁ ମିଳୁନାହାଁନ୍ତି । ଏଥି ସହିତ ଜିଲ୍ଲା ପ୍ରଶାସନ ର କୌଣସି କଥା କୁ ମାନୁ ନଥିବା ପରି ପରିଲକ୍ଷିତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ସମୟରେ ଯେପରି ସେଠାରେ କୌଣସି କାରଖାନା ସ୍ଥାପନ ହୋଇନାହିଁ ଠିକ୍ ସେହିପରି ପରିଦର୍ଶନ କରୁଥିବା ଦେଖିବାକୁ ମିଳିଛି । କାରଖାନା ଟି ୧୮.୮ ଏକର ଜମିରେ ଆବଶ୍ୟକତା ଅନୁଯାୟୀ କାରଖାନା ସ୍ଥାପନ କରିବା କଥା ମାତ୍ର ବର୍ତ୍ତମାନ ଦେଖିବାକୁ ମିଳିଛି କି ବେଆଇନ ଭାବରେ ଇଡକୋ ତଥା ସରକାରୀ ଜାଗା କୁ ଜବରଦଖଲ କରି ନିଜର ବହୁ ପ୍ରକଳ୍ପ କରିଥିବା ଦେଖିବାକୁ ମିଳିଛି । ଏହି ବେଆଇନ କାର୍ଯ୍ୟ କୁ ପରୋକ୍ଷରେ ଇଡକୋ ବିଭାଗ ର କିଛି କର୍ମକର୍ତ୍ତାମାନଙ୍କ ସହଯୋଗ କରୁଥିବା ପରି ପରିଲକ୍ଷିତ ହୋଇଛି । କାରଣ ୩୦୦ ମିଟର କମନ କରି ଡୋର ରାସ୍ତା ପାଇଁ ଥିବା ସବକାରୀ ଯାଗାକୁ କିପରି ଜେଏସଡବ୍ଲୁ ସିମେଣ୍ଟ କାରଖାନା ନିଜ ଗାଡିଗୁଡିକ ସଫା କରିବା ପାଇଁ ହୁଇଲି ଓ୍ୱାସିଙ୍ଗ ସିଷ୍ଟମ ନିର୍ମାଣ କାର୍ଯ୍ୟ କରିଥିବା ସହିତ ନିଜର କାରଖାନା ସମ୍ମୁଖରେ ଗାଡ଼ି ପାର୍କିଂ ସ୍ଥଳ ନିର୍ମାଣ କରି ସ୍ଥାୟୀ ଭାବରେ କ୍ୟାଣ୍ଟିନ କରି ସମ୍ପୂର୍ଣ୍ଣ ଭାବେ ସରକାରୀ ଜାଗା କୁ ଜବରଦଖଲ କରିଥିବା ଦେଖିବାକୁ ମିଳିଛି । ଠିକ୍ ସେହିପରି ମଇଥାନ ପ୍ରଦୂଷଣରେ ଅଞ୍ଚଳ ବାସୀ ତ୍ରାହି ତ୍ରାହି ଡାକୁଥିଲା ବେଳେ ବର୍ତ୍ତମାନ ର କଳିଙ୍ଗନଗର ରେ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରୁଛନ୍ତି ମାତ୍ର ରାଜ୍ୟରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗୀୟ ଅଧିକାରୀ କାହିଁକି ଦୃଢ଼ ପଦକ୍ଷେପ ଗ୍ରହଣ କରିନାହାନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି ।ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ରାଜ୍ୟ ସରକାର ?ଏଥିପ୍ରତି କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଜାତୀୟ ରାଜପଥ କଡରେ ଥିବା ଜବରଦଖଲ ଉଚ୍ଛେଦ

**ବଣାଇ, ୧୯/୨(ନି.ପ୍ର):** ବଣାଇ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ଦରେଇକଳା ଓ ଉପର ବାହାଳ ଗ୍ରାମରେ ୧୪୩ ନମ୍ବର ଜାତୀୟ ରାଜପଥ କଡରେ ଥିବା ମନ୍ମଥ ଓଝାର କେବିନ ଜବର ଦଖଲକୁ ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ ବେଳେ ବଣାଇ ତହସିଲଦାର ଜ୍ଞାନ ରଞ୍ଜନ ବେହେରା, କେନ୍ଦ୍ରିକଳା ସରପଞ୍ଚ ଉଗ୍ରେସନ କିସାନ, ବଣାଇ ରାଜସ୍ୱ ନିରୀକ୍ଷକ ମଙ୍ଗଲ ଜୋଜ, ଅମିନ ମୁକେଶ ଟୀଗା, ଚନ୍ଦ୍ର ଶେଖର ନାୟକ, ଏଆରଏସଏସ ଠିକା କର୍ମକର୍ତା, ଜାତୀୟ ରାଜପଥ ବିଭାଗ ଅଧିକାରୀ, ପୋଲିସ କର୍ମଚାରୀ , ସ୍ଥାନୀୟ ବାସିନ୍ଦା ପ୍ରମୁଖ ଉପସ୍ଥିତ



ରହି ମାପ ଯୁଖ କରିଥିଲେ । ଜବରଦଖଲ ହୋଇଥିବା ସ୍ଥାନକୁ ବୁଲଡଜର ସାହାର୍ଯ୍ୟରେ ଭଙ୍ଗା ଯାଇଥିଲା । ଜାତୀୟ ରାଜପଥ କଡରେ ବାରମ୍ବାର ଦୁର୍ଘଟଣା ଘଟୁ ଥିବାରୁ ପଦକ୍ଷେପ ନେଇଥିବା ଜଣା ପଡିଛି । ବଣାଇ ଅଞ୍ଚଳ ଜବରଦଖଲ କବଳରେ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନଥିବାରୁ ଜନ ସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ଜୟପୁର ସହରରେ ଲାଗି ରହିଛି ବେନିୟମ ବିଜ୍ଞାପନ ହୋଡ଼ିଂ !

କୋରାପୁଟ,ଜୟପୁର ସହରରେ ବିଭିନ୍ନ ସ୍ଥାନରେ ଲାଗିଛି ବେନିୟମ ଭାବେ ବିଜ୍ଞାପନ ହୋର୍ଡିଂ ଲଗାଯାଇଥିବା ଅଭିଯୋଗ ହେଉଛି । ମୁଖ୍ୟତଃ ଅଧିକାଂଶ ଛାତ ଉପରେ ବଡ ବଡ ହୋର୍ଡିଂ ଲାଗିଛି । ବେସରକାରୀ ଶିକ୍ଷା ଅନୁଷ୍ଠାନ ହେଉ ଅଥବା ବଡ ବଡ କମ୍ପାନୀ ନିଜ ପ୍ରଚାର ପ୍ରସାର ନିମନ୍ତେ ମନ ଇଛା ବିଭିନ୍ନ ସ୍ଥାନରେ ନିଜ ଅନୁଷ୍ଠାନର ହୋର୍ଡିଂ ବ୍ୟବହାର କରି ପୌର ପରିଷଦର ଟିକସ ଫାଙ୍କୁଥିବା ମଧ୍ୟ ଅଭିଯୋଗ ହେଉଛି ।

ଏହି କ୍ଷେତ୍ରରେ ଜୟପୁର ସହରର ଅନେକ ଘର ମାଲିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । କିନ୍ତୁ ଏହାର ଟିକସ ଆଦାୟ କରିବାରେ ଜୟପୁର ପୌର ପ୍ରଶାସନ ବଞ୍ଚିତ ରହୁଛନ୍ତି । ଏମିତିକି ବେନିୟମ ଭାବେ ବିଜ୍ଞାପନ ହୋର୍ଡିଂ ବ୍ୟବହାର କରୁଥିବା ଅନୁଷ୍ଠାନଗୁଡିକ ପ୍ରତି ପୌର ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଦେଖାଯାଇଛି । ଏଥି ଯୋଗୁଁ ବର୍ଷ ବର୍ଷ ଧରି ଘରୋଇ ଠିକା ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ବେନିୟମ ଭାବେ ଜୟପୁର ସହରରେ ନିଜର ବ୍ୟବସାୟ କ୍ଷେତ୍ରରେ ପ୍ରଚାର ପ୍ରସାର ଜାରି ରଖିଛନ୍ତି । ଅନ୍ୟପଟେ ସହର ମଧ୍ୟରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକରେ ମଧ୍ୟ ସମାନ ପରିସ୍ଥିତି ଦେଖାଯାଇଛି । ଟିପିଏସଓଡିଏଲ କର୍ତ୍ତୃପକ୍ଷଙ୍କ ଅନୁମତିରେ ବିଦ୍ୟୁତ ଖୁଣ୍ଟରେ ବିଜ୍ଞାପନ ହୋଡିଂ ଲଗାଯାଇଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।ଏପରି ସ୍ଥିତିରେ ଜନସାଧାରଣଙ୍କ ଜୀବନ ବିପନ୍ନ ହେଉଛି, ସହର ମଧ୍ୟ ନିଜର ସେ ?ନ୍ଦର୍ଯ୍ୟ ହରାଉଛି । ଏହାକୁ ନେଇ ପୌର ପ୍ରଶାସନ ପକ୍ଷରୁ ବିଜ୍ଞାପନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରି ବୁଝିବାରେ ଜଣାପଡ଼ିଲା ଯେ ଜୟପୁର ପୌର ପ୍ରଶାସନକୁ ଟଙ୍କାଟିଏ ମଧ୍ୟ ରାଜସ୍ୱ ମିଳୁନି । ଏଥିରେ ସ୍ପଷ୍ଟ ହେଉଛି ଯେ ନିର୍ଦ୍ଦିଷ୍ଟ ଅଫିସର ବା କର୍ମଚାରୀ ମାନେ ମୋଟା ଅଙ୍କର ହାତଗୁଞ୍ଜା ନେଇ ନିରବ ରହୁଥିବାରୁ ଜୟପୁର ପୌରପାଳିକାର କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଥିବା ସେଠାରେ ଚର୍ଚ୍ଚା । ହେଉଛି ପ୍ରଶାସନିକ ଅଧିକାରୀ କ ଣ ପଦକ୍ଷେପ ନେଉଛନ୍ତି ତାହା । ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ।




# ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା ସଭା ଓ ସାଧାରଣ ବୈଠକ

**ତୁଷୁରା,୧୯/୨(ନି.ପ୍ର):** ଶମ୍ଭୁ ପ୍ରସାଦ ସାହୁ: ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ସ୍ଥିତ ବିବେକାନନ୍ଦ ପାଠାଗାର ଠାରେ ସଇଁତଲା ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା ସଭା ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି ।ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ ଯୋଗଦାନ କରି ଇଷ୍ଟ ଦେବୀ ମା ଚଣ୍ଡୀଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ଜଳନ କରିଥିଲେ । ସଂଘ ସଭାପତି ନାରାୟଣ ସାହୁଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ ଯାଦବ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, କେରମେଳି ସରପଞ୍ଚ ଅଶୋକ ସାହୁ, ସଂଘ ଆଇନ ପରାମର୍ଶଦାତା ମାନଭଞ୍ଜନ ପାଣିଗ୍ରାହୀ ଓ ସଂଘର ମୁଖ୍ୟ ପରାମର୍ଶଦାତା ପ୍ରମୋଦ କୁମାର ସେଲମା ପ୍ରମୁଖ ଯୋଗଦାନ କରି ସଂଘର ଭବିଷ୍ୟତ ଉଜ୍ଜଳମୟ ହେଉ ବୋଲି କାମନା କରିବା ସହ ସମାଜ ଗଠନରେ ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ସହିତ ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ଲାଗି ସରକାରୀ ସ୍ତରରେ ପ୍ରୟାସ ଲୋଡ଼ା ବୋଲି ମତ ପ୍ରକାଶ କରିଥିଲେ ।ଏହି ପରିପେକ୍ଷୀରେ ସଂଘର ମୁଖ୍ୟ ପରାମର୍ଶ ଦାତା



ସାମ୍ବାଦିକ ଶ୍ରୀ ସେଲମା ଓଡିଶା ସାମ୍ବାଦିକ ସଂଘ (ଓଜେୟୁ ) ର ରାଜ୍ୟ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ଯୋଗୁଁ ତାଙ୍କୁ ସଂଘ ତରଫରୁ ଉପଢ଼ୋକନ ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏବଂ ସଂଘରେ ନୂତନ ଭାବେ ଉପସଭାପତି ପ୍ରଦୀପ ବାଗ, ସାଧାରଣ ସଂପାଦକ ସୁଶାନ୍ତ କୁମାର ମେହେର, ସହ ସମ୍ପାଦକ ଭଗବାନ ରାଜପଲିଆ,କୋଷାଧ୍ୟକ୍ଷ ଭାବରେ ରଞ୍ଜନ ବାଗ ଓ ଚନ୍ଦ୍ରଭାନୁ ପ୍ରଧାନ ଓ ଉପଦେଷ୍ଟା ଭାବରେ ରମାକାନ୍ତ ରାଜପଲିଆ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।ବୈଠକରେ ଯୁବ ସଂଗଠନ ଅମିତ ରଥ, ସମାଜସେବୀ ମନୋଜ ଶର୍ମା, ସାମ୍ବାଦିକ ରୁଦ୍ରଧର ଦଣ୍ଡସେନା, ଲକ୍ଷ୍ମୀକାନ୍ତ ସାହୁ, ଚୌଧୁରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଚନ୍ଦ୍ରଭାନୁ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବାଙ୍ଗାଲୋରରେ ବନ୍ଧକ ଯୁବକ ଭକ୍ତ ଚରଣ ମାସକ ପରେ ଉଦ୍ଧାର

**ଫୁଲବାଣୀ/ ଫିରିଙ୍ଗିଆ ୧୯/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଡୁମୁରିଗୁଡା ପଂଚାୟତ ର ଆଦିବାସୀ ଯୁବକ ଭକ୍ତ ଚରଣ ବେଙ୍ଗାଲୁରୁରେ ବନ୍ଧକ ଥିବା ଫିରିଙ୍ଗିଆ ଅଞ୍ଚଳର ଭକ୍ତ ଚରଣ ମଲିକଙ୍କୁ ଦୀର୍ଘ ମାସକ ପରେ ବାଙ୍ଗାଲୋର ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି । ସୂଚନା ପ୍ରକାରେ ଭକ୍ତ ଚରଣ ଙ୍କ ପରିବାର ପକ୍ଷରୁ କନ୍ଧମାଳ ଏସପି ଙ୍କ ନିକଟରେ ପୁଅର ଅସୁବିଧା ବିଷୟରେ ଜଣେଇ ଥିଲେ ବାପା ମା, ଏହାପରେ କନ୍ଧମାଳ ଏସ୍‌ପି ଶ୍ରୀ ହରିଶ ବିଶିଙ୍କ ଅନୁରୋଧକ୍ରମେ ବେଙ୍ଗାଲୁରୁ ପୁଲିସ ଭକ୍ତ ଚରଣ ଦୁର୍ବୃର୍ତ୍ତ ମାନଙ୍କ କବଳରୁ ତାଙ୍କୁ ଉଦ୍ଧାର କରିଛି । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ସେଠାରେ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିବା ପିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି । ଏଥିସହ ତାଙ୍କୁ ଅଟକ ରଖୁଥିବା କିଛି ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଥିବା ଥାନା ଅଧୁକାରୀ ପ୍ରକାଶ କରିଛନ୍ତି । ବିଶେଷ ଖବର ଅନୁସାରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ବେଙ୍ଗାଲୋର ପୋଲିସ ତାଙ୍କୁ ଗିରଫ କରିଛି । ଏପଟେ କନ୍ଧମାଳ ଜିଲ୍ଲା ଶ୍ରମ ବିଭାଗ ମଧ୍ୟ ଏ ଦିଗରେ ନିଜର ପ୍ରୟାସ ଜାରି ରଖୁଛି । ଆବଶ୍ୟକ ପଡ଼ିଲେ ପରିବାର ଲୋକଙ୍କ ସହିତ ଶ୍ରମ ବିଭାଗ କର୍ମଚାରୀ ବାଙ୍ଗାଲୋର ଯାଇ ଭକ୍ତ ଚରଣ ମଳିକଙ୍କୁ ଫୁଲବାଣୀ ଫେରାଇ ଆଣିବେ ବୋଲି କ ?ହିଛନ୍ତି ଜିଲ୍ଲା ଶ୍ରମ ଅଧୂକାରୀ ବିଶ୍ୱରଞ୍ଜନ କହଁର । ଫିରିଙ୍ଗିଆ ଥାନା ଶ୍ରୀପଲା ଅଞ୍ଚଳର ଭକ୍ତ ଚରଣ ମଳିକ ଦାଦନ ଖଟିବାକୁ ଯାଇ ପ୍ରାୟ ଏକ ମାସେ ହେବ ବାଙ୍ଗାଲୋରରେ ଦୁର୍ବୃତ୍ତ ମାନଙ୍କ କବଜାରେ ବନ୍ଧକ ଥିଲେ । ତାଙ୍କୁ ଛାଡିବା ପାଇଁ ଦଶ ଲକ୍ଷ ଟଙ୍କା ଦାବି କରିଥିଲେ ଦୁର୍ବୃତ୍ତ ମାନେ । ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେବା ସହ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ସାକ୍ଷାତ କରି ଗୁହାରି ଜଣାଇଥିଲେ ପରିବାର । ଏସ୍ ?ପି ହରିଶ ବି ସି ବେଙ୍ଗାଲୁରୁ ପୁଲିସ ସହିତ ଆଲୋଚନା କରି ଏ ଦିଗରେ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ । ଭକ୍ତ ଉଦ୍ଧାର ହୋଇ ଥିବାରୁ ପରିବାର ଲୋକେ ବର୍ତ୍ତମାନ ଟିକିଏ ଆଶ୍ୱସ୍ତି ଅନୁଭବ କରୁଥିବା ଦେଖିବାକୁ ମିଳିଛି । ହେଲେ ବାଙ୍ଗାଲୋର ପୋଲିସ ଓ କନ୍ଧମାଳ ପୋଲିସର ଖବର ଅନୁଯାଇ ଏଯାବତ ଭକ୍ତ ଚରଣ ମଳିକ ବାଙ୍ଗାଲୋର ସ୍ଥିତ ଏକ ମେଡିକାଲ ରେ ଚିକିତ୍ସିତ ହେଉଥିବା ଜଣାପଡିଛି ।ଦେଖାଯାଉ ଉଦ୍ଧାର ହୋଇଥିବା ଭକ୍ତ ଚରଣ ମଳିକ କେବେ ସୁସ୍ଥ ହୋଇ ଓଡିଶା ଫେରିବେ ଓ ନିଜର ଭିଟାମାଟି ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଡୁମୁରିଗୁଡା ପଂଚାୟତ ର ଶ୍ରୀପଲ୍ଲୀ ସ୍ଥିତ ନିଜ ବାପା ମା ଙ୍କ ନିକଟରେ ଆସି ପହଂଚିବ ସେଇଥିପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ତତ୍ପରତା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ନିର୍ଭର କରୁଛି ।

# କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାରେ ୬୦ ସଂସ୍ଥା
## ୧୫୭୫ ଜଣଙ୍କ ମଧ୍ୟରୁ ୭୫୭ ଚାକିରୀ ପାଇଁ ମନୋନୀତ ଓ ୩୯ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

**କେନ୍ଦ୍ରାପଡା୧୯/୨(ନି.ପ୍ର):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତିରଞ୍ଜନ ପ୍ରଧାନ, ଭା.ପ୍ର.ସେ. ଉଦଘାଟନ କରିଥିଲେ । ଏହି ନିଯୁକ୍ତି ମେଳାର ଆଭିମୁଖ୍ୟ ବିଷୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ଘନଶ୍ୟାମ ସା ଉପସ୍ଥିତଥିବା ଚାକିରୀ ଆଶାୟୀ ଯୁବକ ଓ ଯୁବତୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ମେଡପ୍ଲସ, ଅରବିନ୍ଦ ଲିମିଟେଡ, ଅସ୍ମିତା ହଲିଡେ, ଏସଏସଡିପି କଂସଲ୍ଟିଂ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ, ଅନୁଦିପ ଫାଉଣ୍ଡେସନ, ମୁକ୍ତି ସେବା ଫାଉଣ୍ଡେସନ, ସାହି ଏକ୍ସପର୍ଟ, କେଏଲଆର ଗ୍ରୁପ, ପିନାକଲ ଏଚଆର, ମଦର ସନ ସୁମୀ, ଏସ ଆଣ୍ଡ ଏନ ଷ୍ଟାଫିଙ୍ଗ, ପାୟିକ୍ ସେଣ୍ଟିନେଲ୍ସ, ସୁରକ୍ଷା ହେଲଥ କେୟାର, ସହନ କ୍ଲୋଥିଂ, ଅରେଞ୍ଜ କ୍ରସ, ଗ୍ରାମ ତରଙ୍ଗ ଆଦି ୬୦ ଗୋଟି ନିଯୁକ୍ତି ପ୍ରଦାନକାରୀ ଓ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ୧୫୭୫ ଜଣ ଚାକିରୀ ଆଶାୟୀ ଯୁବକଯୁବତୀ ଅଂଶଗ୍ରହଣ




କରିଥିଲେ ଏବଂ ୭୫୭ ଜଣ ଆଶାୟୀ ଯୁବକଯୁବତୀ ଅଂଶଗ୍ରହଣ କରିଥିବା ଚାକିରୀ ପ୍ରଦାନକାରୀ ସଂସ୍ଥା ଦ୍ୱାରା ଚାକିରୀ ପାଇଁ ମନୋନୀତ ହୋଇଥିଲେ ଏବଂ ୩୯ ଜଣ ଯୁବକଯୁବତୀଙ୍କୁ ଉପସ୍ଥିତ ଥିବା ଅତିଥିମାନଙ୍କ ଦ୍ୱାରା ନିଯୁକ୍ତି ପତ୍ର ବଣ୍ଟାଯାଇଥିଲା । ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶୁଶ୍ରୀ ଲିଲିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଅରୁଣ ନାୟକ, ସରକାରୀ ପଲିଟେକ୍ନିକ କେନ୍ଦ୍ରାପଡ଼ା ଅଧ୍ୟକ୍ଷ ଶ୍ରୀଯୁକ୍ତ ଗୁଣନିଧି ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରୀଯୁକ୍ତ ସଞ୍ଜୟ କୁମାର ରଥ, ମାନ୍ୟବର ସାଂସଦ, କେନ୍ଦ୍ରାପଡ଼ାଙ୍କ ପ୍ରତିନିଧି ଯୋଗଦେଇ ଆଶାୟୀ ଯୁବକଯୁବତୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଏହି ନିଯୁକ୍ତି ମେଳାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅଧ୍ୟକ୍ଷ, ସରକାରୀ ଆଇଟିଆଇ, ପଟ୍ଟାମୁଣ୍ଡାଇ, ଆରଟିଆଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଉପସ୍ଥିତ ଥିବା ଅତିଥିମାନେ ଦକ୍ଷତା ବିକାଶ ମାଧ୍ୟମରେ ଆଶାୟୀ ଯୁବକ ଓ ଯୁବତୀ ମାନେ ନିଜର ଜୀବିକା ଅର୍ଜନ କରିପାରିବେ ଓ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ଏବଂ ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ସାବ୍ୟସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ଓ୍ୱାୟପି ରିଚା ବିଶ୍ୱାଳ, ସିଏମଏସଡିଏଫ ଶ୍ରଦ୍ଧାଞ୍ଜଳୀ ପ୍ରଧାନ, ଜିତେନ୍ଦ୍ର କୁମାର ସେଠୀ, ଆଶୁତୋଷ ତ୍ରିପାଠୀ ଏବଂ ହରିଚନ୍ଦନ ରାଉତ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ମେଳାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଏଲଏଫ ସଭାନେତ୍ରୀଙ୍କୁ ଆକ୍ରମଣ, ଥାନାରେ ଏତଲା

**ଜଗତସିଂହପୁର ୧୯/୨(ନି.ପ୍ର):** ଜଗସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ମହିଳା ସଂଘର ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟଙ୍କୁ ଜନୈକା ମହିଳା ପ୍ରିୟଙ୍କା ମହାପାତ୍ର ମାଡ଼ ମାରି ରକ୍ତାକ୍ତ କରିବା ଘଟଣାକୁ ନେଇ ଆହତ ବିଷ୍ଣୁପ୍ରିୟା ରଘୁନାଥପୁର ଥାନାରେ ଏକ ଏତଲା ଦେଇଥିବା ଜଣାଯାଇଛି । ଅଭିଯୋଗ ଅନୁଯାୟୀ, ରଘୁନାଥପୁର ବ୍ଲକ ରେଢୁଆ ବଣ୍ଟୁଆ ସାହିର ପ୍ରିୟଙ୍କା ମହାପାତ୍ର ଦିର୍ଘଦିନ ହେବ ରଘୁନାଥପୁର ବଜାର ଉପରେ ଥିବା ଏକ ଗୃହକୁ ଜବର ଦଖଲ କରି ରଖିଛନ୍ତି । ଗ୍ରୁପର ଇସି ମେମ୍ବର ମାନେ ଏହାକୁ ବିରୋଧ କରିବାରୁ ସମସ୍ତ ଇସି ମେମ୍ବର ମାନଙ୍କୁ ବହୁ ସମୟରେ ଗାଳିଗୁଲଜ କରିବା ସହିତ ଅଶାଳିନ ବ୍ୟବହାର କରିବା ଓ ଆଜି ମିଶନ ଶକ୍ତି ଗୃହ ସମ୍ମୁଖରେ ସଭାନେତ୍ରୀ ଆସୁଥିବାର ଦେଖି ତାଙ୍କୁ ମାଡ଼ ମାରି ରକ୍ତାକ୍ତ କରିବା ସହିତ ପଛରେ ଗୋଡାଇ ଗୋଡାଇ ଯାଇ ତାଙ୍କର ମୋବାଇଲ ଛଡ଼ାଇ ନେବା ସହିତ ପୁନର୍ବାର ଆକ୍ରମଣ କରିବା ନେଇ ଅଭିଯୋଗକାରିଣୀ ବିଷ୍ଣୁପ୍ରିୟା ନିଜର ଅଭିଯୋଗରେ ଦର୍ଶାଇଛନ୍ତି । ଏତଲା ପାଇ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ ।



# ପଙ୍କପାଳ ବାଲିଘାଟରୁ ବେଆଇନ ବାଲି ଉଠାଇବା ପାଇଁ ସଜବାଜ !
## ପ୍ରଶାସନ, ଲଘୁ ଖଣିଜ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ

**ଦାନଗଦି,୧୯/୨(ନି.ପ୍ର):** ସରକାରବଦଳିଛି, ହେଲେ ବଦଳୁନାହିଁ ବିଧି ବ୍ୟବସ୍ଥା । ରାଜସ୍ୱ ବିଭାଗ ହାତରୁ ଖଣି ବିଭାଗ ହାତକୁ ଲଘୁ ଖଣିଜ ସମ୍ପଦ ହସ୍ତାନ୍ତର ପରେ ବି ଧର୍ମଶାଳା ତହସିଲ ଅଞ୍ଚଳରେ ଲୁଟର ପରିମାଣ ଥମିବାର ନାଁ ଗନ୍ଧ ଧରୁନି । ରାଜ୍ୟରେ ଥିବା ଲଘୁ ଖଣିଜ ସମ୍ପଦ ଲୁଟ କାରବାରକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି । ମାତ୍ର ଯାଜପୁର ଜିଲ୍ଲା ଦାନଗଦି ତହସିଲ ରେ ଥିବା ପଙ୍କପାଳ ବାଲିଘାଟ ଏଥି ରେ ତୃଟି ପରିଲକ୍ଷିତ ହୋଇଛି । ଏହି ଘାଟିକୁ ନେଇ ସବୁବେଳେ ଚର୍ଚ୍ଚାର ଶିରୋନାମା ରେ ରହି ଆସୁଛି । କିଛି ଦିନର ବିରାମ ପରେ ଏବେ ବାଲି ଲୁଟିବା ପାଇଁ ସଜବାଜ ହୋଇଛନ୍ତି ବାଲି ମାଫିଆ , ଯେନତେନ ଉପାୟରେ ବେନିୟମ ଭାବରେ ସରକାରଙ୍କୁ ଚକମା ଦେଇ ବାଲି ଉଠାଇବା ପାଇଁ ଯୋଜନା କରୁଛନ୍ତି । ବାଲି ମାଫିଆ ସକ୍ରିୟ ଥିବା ପଙ୍କପାଳ ବାଲିଘାଟ ରାସ୍ତା ନିର୍ମାଣ ସହିତ ବାଲି ଉଠାଇବା ପାଇଁ ସବୁ ପ୍ରକାରର ଆୟୋଜନ କରୁଥିବା ଦେଖିବାକୁ ମିଳିଛି ।ସୂଚନା ଥାଉ କି ଦାନଗଦି ତହସିଲ ଅଧିନସ୍ଥ ମାନତିରା ଆର ଆଇ ସର୍କଲ ରେ ଥିବା ପଙ୍କପାଳ ପଞ୍ଚାୟତ ରେ ଦୁଇଟି ବାଲିଘାଟ ରହିଛି । ଦିଲ୍ଲିପ ସାହୁ ନାମକ ବ୍ୟକ୍ତି ବାଲିଘାଟ ୧ ରୁ ବାଲି ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିବାର କହୁଥିବା ବେଳେ ଦଇତାରୀ ଧଳ ବାଲିଘାଟ ୨ ରୁ ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିବାର କହୁଥିବା ବେଳେ ଉଭୟ ଙ୍କ ନିକଟରେ ଆବଶ୍ୟକୀୟ କାଗଜ ପତ୍ର ନଥିବା ଯୋଗୁଁ କିଛି ଦିନ ହେବ ଲଘୁ ଖଣିଜ ବିଭାଗ ପକ୍ଷରୁ ବାଲି ଉତଳନ ବନ୍ଦ କରାଯାଇଥିଲା । ମାତ୍ର ଏବେ ମଧ୍ୟ ସମାନ ସ୍ଥିତି ପରି ପରିଲକ୍ଷିତ ହୋଇଛି ।ଏହି ଘାଟ ଚାଷୀ ଘାଟ ହୋଇଥିବା ବେଳେ ଏଠାରୁ ବେଆଇନ ଭାବେ ବଡ ବଡ ମେସିନ ସାହାଯ୍ୟରେ ବାଲି ଉଠାଯାଉଥିବାର ନଜର ରହିଛି । ବାଲି ଉଠାଯିବାର ନିର୍ଦ୍ଦିଷ୍ଟ ସମୟ ଦିଆ ଯାଇଥିଲେ ମଧ୍ୟ ତାହାକୁ ବେଖାତିର କରି ମନଇଚ୍ଛା ବାଲି ଉଠାଯାଉଥିବାର ଅଭିଯୋଗ ହୋଇଆସିଛି । ଏପରି ବେଆଇନ ବାଲି ଉଠାଇବାର ଖବର ବାରମ୍ବାର ଅନେକ ସମ୍ବାଦ ପତ୍ରରେ ପ୍ରକାଶ ପରେ ଲଘୁ ଖଣିଜ ବିଭାଗ ଗତ ଜୁଲାଇ ମାସ ୫ତାରିଖରେ ଘାଟରେ ପହଞ୍ଚି ବାଲିଘାଟ ୧ରୁ ଗୋଟିଏ ହିଟାଚୀ ମେସିନ ଓ ଗୋଟିଏ ହାଇୱା ଗାଡିକୁ ଜବତ କରିଥିଲେ । ଏହା ପରେ ମଧ୍ୟ ବାଲି ଉଠାଇବା ରେ ରୋକ୍ ଲାଗୁନଥିଲା । ପୁଣି ଲଘୁ ଖଣିଜ ବିଭାଗ ଜୁଲାଇ ୨୪ତାରିଖରେ ପହଞ୍ଚି ଘାଟ୧ ତାର ପରିସୀମା ବାହାରେ ବାଲି ଉଠାଉଥିବାର ଦେଖିବାକୁ ପାଇଥିଲେ । ଘାଟ୧ ର ଖାତା ନମ୍ବର ୨୯୪ ଓ ପ୍ଲଟ ନମ୍ବର ୧୦୮୯ ଥିବା ସ୍ଥାନକୁ ଖୁଣ୍ଟ ଦ୍ୱାରା ଚିହ୍ନଟ କରଯାଇଥିଲା । ଯାହାକି ପୂର୍ବରୁ ଘାଟ୧ର ସ୍ଥାନ ଛାଡି ଘାଟ୨ ରୁ ବାଲି ଉଠାଯାଉଥିଲା । ଏସବୁ ପରେ ପଙ୍କପାଳ ବାଲିଘାଟ ୧ ରୁ ବାଲି ଉଠାଇବା ପାଇଁ ଲିଜ ପାଇଥିବା ଠିକାଦାର ଦିଲ୍ଲିପ ସାହୁ,ଦଇତାରୀ ଧଳ କାହା ସାହାସ ରେ ବାଲି ଉଠାଇବା ପାଇଁ ରାସ୍ତା ନିର୍ମାଣ ସହିତ ଘାଟ କୁ ପୂଜାର୍ଚ୍ଚନା କରିଛନ୍ତି ତାହା ଏବେ ସାଧାରଣରେ ଆଲୋଚନା ହେଉଛି । ଯେଉଁ ଘାଟରେ ମେସିନ ଜରିଆରେ ବାଲି ଉଠାଇବା ର ଅନୁମତି ନାହିଁ ସେଠାରେ କିପରି ମେସିନ ଦ୍ୱାରା ବାଲି ଉଠାଇବା ପାଇଁ ଅନୁମତି ମିଳୁଥିଲା ତାହା ସନ୍ଦେହ ଘେରରେ । ପୂର୍ବରୁ ଡଙ୍ଗା ମାଧ୍ୟମରେ ବାଲି ଉଠାଇବା ପାଇଁ ଯୋଜନା କରି ଘାଟରେ ଥିବାବେଳେ ଡିଡିଏମ ସିଜ୍ କରିଥିଲେ । ଯାହାଫଳରେ ଡଙ୍ଗା ଦ୍ୱାରା ଆଉ ବାଲି ଉଠାଯାଇ ପାରି ନଥିଲା ସେହିଦିନ ଠାରୁବାଲି ଉଠାଇବା ବନ୍ଦ ରହିଥିଲା । ଏବେ ପୁଣିଥରେ ବାଲିଘାଟ ରୁ ବାଲି ଉଠାଇବାପାଇଁ ଯୋଜନା ଚାଲିଛି, ଯାହାକି ଆସନ୍ତା କାଲି ବାଲି ଉଠିବ ବୋଲି ସମସ୍ତ ଗାଡି ମାଲିକଙ୍କୁ ଜଣାଇ ଦିଆଯାଇଛି । ବହୁବାର ପଙ୍କପାଳ ବାଲିଘାଟକୁ ଡିଡିଏମ ଆସି ବେଆଇନ ବାଲି ଉଠାଇବା କାର୍ଯ୍ୟକୁ ରୋକ ଲଗାଇଥିଲେ ମଧ୍ୟ ତାହାକୁ ଖାତିର ନକରି ପୁଣିଥରେ ବେଆଇନ ବାଲି ଉଠାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ସରିଯାଇଛି । ଏବେ ଦେଖିବକୁ ରହିଲା ପ୍ରଶାସନ ଓ ଲଘୁ ଖଣିଜ ବିଭାଗ ଏହା ଉପରେ କି ପ୍ରକାର ପଦକ୍ଷେପ ନେଉଛି ।



# ମାଲକାନଗିରିରେ ମାଁ ମାଉଲିଙ୍କ ଯାତ୍ରା

**ମାଲକାନଗିରି ୧୯/୨(ନି.ପ୍ର):** ମାଲକାନଗିରି, ମାଲକାନଗିରି ବ୍ଲକ ଅନ୍ତର୍ଗତ ଚଲାଣଗୁଡା ଠାରେ ରହିଥିବା ମାଁ ମାଉଲିଙ୍କ ମନ୍ଦିରରେ ମାଘ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ତିନି ଗୋଟି ପଂଚାୟତର ୫୫ଟି ଗାଁରୁ ଲାଠି ଆସିବା ପରେ ପାରଂପାରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଯାତ୍ରା ଆରମ୍ଭ ହୋଇଥିଲା । ନୁଆଁଗୁଡା ପୂରହିତ ଘର ଠାରୁ ମା ବିମାନ ଯୋଗେ ସୋମବାର ଗ୍ରାମ ଦେବି ଠାରେ ପୂଜାଅର୍ଚ୍ଚନା ପରେ ସନ୍ଧ୍ୟା ସମୟରରେ ବିମାନ ଯୋଗେ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ । ମଙ୍ଗଳବାର ଦିନ ମାଉଲି ମାଁ ଙ୍କ ଯାତ୍ରାରେ ହଜାର ହଜାର ଭକ୍ତ ମାଲକାନଗିରି ଜିଲ୍ଲା ସମେତ ଛତିଶଗଡର ସୀମାନ୍ତ ଗ୍ରାମଗୁଡିକରୁ ଏହି ଯାତ୍ରା ଦେଖିବା ପାଇଁ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ମାଘ ମାସରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ଭକ୍ତମାନେ ନିଜର ମାନସିକ ପୂରଣ ହୋଇଥିଲେ ଏଠାରେ ମା'ଙ୍କ ନିକଟରେ ବଳି ମଧ୍ୟ ଦେଇଥାନ୍ତି । ଛେଳି, ବତକ, କୁକୁଡା ଆଜି ବଳି ଦିଆଯାଉଥିବା ଦେଖିବାକୁ ମିଳିଥିଲା । ପାରଂପାରିକ ବାଦ୍ୟର ତାଳେ ତାଳେ ଭକ୍ତମାନେ ନାଚୁଥିବା ମଧ୍ୟ ଦେଖିବାକୁ ମିଳିଥିଲା ।ମାଁ ମାଉଲିଙ୍କ ପୂଜାର୍ଚ୍ଚନା ପାଇଁ ମୁଖ୍ୟ ପୂଜାରୀ ବୁଦ୍ରା ଦୁରୁଆ ଏବଂ ପ୍ରଦୀପ କୁମାର ଧାରୁଆ ରହିଛନ୍ତି । ଯାତ୍ରାକୁ ଆଖି ଆଗରେ ରଖି ମୀନାବଜାର ସହ ବଡ ବଡ ଦୋକାନ ବଜାର ମଧ୍ୟ ପଡିଛି । ସନ୍ଧ୍ୟା ସମୟରେ ଏଠାରେ ଦୂର ଦୁରାନ୍ତରୁ ଅଧିକା ଲୋକଙ୍କ ସମାଗମ ହେବାର ଆଶଂକା ରହିଛି । ସେହିପରି ଦୂର ଦୁରାନ୍ତରୁ ଆସିଥିବା ଏବଂ ସ୍ଥାନୀୟ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କ ପାଇଁ ଅର୍ଣ୍ଣ ଭୋଗର ବ୍ୟବସ୍ଥା ମଧ୍ୟ କରାଯାଇଛି । ପ୍ରଥମ ରାତିରେ ଦେଶିଆ ନାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଯାତ୍ରାରେ ଶାନ୍ତି ଶୃଙ୍ଖଳା ପାଇଁ ମାଁ ମାଉଲି ପୂଜା କମିଟି ତରଫରୁ କଡା ସୁରକ୍ଷାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ଏହି ଯାତ୍ରା ପରିଚାଳନା ଏବଂ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟି ଗଠନ କରାଯାଇଥିଲା ପୂଜା କମିଟିର ସଭାପତି ଇର୍ମା ପଡିଆମୀ, ସମ୍ପାଦକ ଅରକ୍ଷିତ ନାୟକ, ପଦିଆ କଓ୍ୱାସି, ରବୀନ୍ଦ୍ର କୁମାର ଜେନା,ଇନ୍ଦ୍ରକୁମାର ପଣ୍ଡା, ଗଙ୍ଗା ଧାରୁଆ, ବିଶ୍ୱନାଥ ଧାରୁଆ,ବିଶୁ ଧାରୁଆ, ଗଙ୍ଗାଧର ଧାରୁଆ, ସୀତାରାମ ଦୁରୁଆ,ମୁନା ମାଡକାମୀ, ପାଣ୍ଡୁ ପଡିଆମି,ସୋନୁରାମ ନାୟକ,ଭିମା ଧାରୁଆ,ମାଶା ଦୁରୁଆ,ମୁୟା ଦୁରୁଆ ଏବଂ ଅନ୍ୟମାନଙ୍କ ପ୍ରତୋକ୍ଷ ତତ୍ତ୍ୱବଧାନରେ ମା ମାଉଲିଙ୍କ ଯାତ୍ରା ଶୃଙ୍ଖଳାରେ ପରିଚାଳନା ହୋଇଥିଲା ।

# ଦେବୀକନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ପାଳିତ

**ନିଆଳୀ,୧୯/୨(ନି.ପ୍ର):** ନିଆଳୀ ବ୍ଲକ ଦ୍ୱୀପାଞ୍ଚଳ ଏରଞ୍ଚ ସ୍ଥିତ ଦେବୀକନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟ ର ୪୫ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମାର୍କଣ୍ଡେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ନିଆଳୀ ବିଧାୟକ ଇଂ ଛବି ମଲ୍ଲିକ ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ କରିବା ସହ ଛାତ୍ର ଛାତ୍ରୀମାନଙ୍କୁ ଅଭିଭାଷଣ ପ୍ରଦାନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ , ସାଂସଦଙ୍କ ପ୍ରତିନିଧିତଥା ଯୁବ ନେତା ଜ୍ୟୋତିରଂଜନ ମହାନ୍ତି ,ଜିଲ୍ଲାପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ଚେୟାରମ୍ୟାନ ନିଆଳୀ ଉମେଶ ଚନ୍ଦ୍ର ବେହେରା,ଭୁବନାନନ୍ଦ ମହାପାତ୍ର, ଏବଂ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ । ପ୍ରଫେସର ମନୋଜ କୁମାର ସେନାପତି ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଉପସଭାପତି ଡ. ଅଜୟ କୁମାର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ.ଡ. ଅନୁପ ରଂଜନ ମାର୍ଥା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ.ଅମୂଲ୍ୟରତ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରକାଶକ ମାର୍କଣ୍ଡେଶ୍ୱର ମହାପାତ୍ରଙ୍କ ଦ୍ୱାରା ସଲୀଳା ବାର୍ଷିକ ମୁଖପତ୍ର ୨୦୨୩-୨୪ କୁ ବିଧାୟକଙ୍କ ସମେତ ସମସ୍ତ ଅତିଥି ମାନଙ୍କଦ୍ୱାରା ଉନ୍ମୋଚନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ବେହେରା,ପୂର୍ଣ୍ଣଚନ୍ଦ୍ର ଦାସ,ପ୍ରଭାତ କୁମାର ଜେନା,ଅଶୋକ କୁମାର ରଥ,ଚିତ୍ତରଂଜନ ଦାସ,ପ୍ରବୀର କୁମାର ଜେନା,ଡ.ମୋନାଲିସା ଚକ୍ରବର୍ତ୍ତୀ, ଅଶୋକ କୁମାର ସାହୁ,ଡ.ନିରଞ୍ଜନ ମହାପାତ୍ର,ସୁବ୍ରତ କୁମାର ବେହେରା,ସ୍ୱରାଜ କିସକୁ,ଗୋପାଳକୃଷ୍ଣ ମିଶ୍ର,ବିଶ୍ୱଜିତା ରାଉତ,ଡ ବିରେନ କୁମାର ପ୍ରଧାନ,ସୁଛନ୍ଦା ପରିଜା,ସଂଜୟ କୁମାର ସାହୁ.ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ଅଲିଭା ରାୟଙ୍କ ସୁନ୍ଦର ଉପସ୍ଥାପନା ଏବଂ ଛାତ୍ରୀ ବିଶ୍ୱପ୍ରିୟା ପ୍ରଧାନଙ୍କ ଓଡିଶୀ ସାଜସଜ୍ଜାର ନୃତ୍ୟ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା.ଏହା ସହିତ ବିଭିନ୍ନ ସାଂସ୍କୃତିକ ତଥା ଅନ୍ୟ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଅଧ୍ୟାପକ,ଅଧ୍ୟାପିକା,ଛାତ୍ର,ଛାତ୍ରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା ।




# ବେଆଇନ ନଳକୂପରୁ ଜଳ ବ୍ୟବହାର କରୁଛନ୍ତି ଜଟିଆ ଷ୍ଟିଲ, ଜେଏସଡବ୍ଲୁ ସିମେଣ୍ଟ !

**କଳିଙ୍ଗନଗର ୧୯/୨(ନି.ପ୍ର):** ଜଳ ହିଁ ଜୀବନ କୁହାଯାଉଥିବା ବେଳେ କିଛି ଅସାଧୁ ସରକାରୀ କର୍ମଚାରୀ ମାନଙ୍କ ସହଯୋଗ ରେ ଶିଳ୍ପସଂସ୍ଥା ମାନେ ମନଇଚ୍ଛା ଭୂତଳ ଜଳକୁ ପ୍ରଦୂଷିତ କରିବା ସହିତ ନିଜର କାରଖାନା ରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏହି କ୍ରମରେ କଳିଙ୍ଗନଗର ରେ ଥିବା ଜଟିଆ ଷ୍ଟିଲ, ଜେଏସଡବ୍ଲୁ ସିମେଣ୍ଟ ଓ ଆହୁରି ଅନେକେ କାରଖାନା ରେ ଦେଖିବାକୁ ମିଳିଛି । ଏହି ସବୁ ବିଷୟ ରେ ସରକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । କି କଳିଙ୍ଗନଗର ରେ ଥିବା ଏକାଧିକ କାରଖାନା କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ତେଣୁ ଆଗକୁ ଖରାଦିନ ଆସୁଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜଳକଷ୍ଟ ଦେଖାଯିବା ନିଶ୍ଚିତ ବୋଲି ସାଧାରଣରେ ଆଲୋଚନା ହେଉଛି । ଏହି ବିଷୟରେ ତଦନ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରିଛନ୍ତି ଅଞ୍ଚଳ ବାସୀ । ଏହି କାରଖାନା ରେ ଭୂତଳ ଜଳକୁ ବ୍ୟବହୃତ କରିବା ସହିତ ସରକାରୀ ନୀୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରିବା, ପ୍ରଦୂଷଣ ନିୟନ୍ତ୍ରଣ କରିବା, ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇ କାରଖାନା ସ୍ଥାପନ କରିବା ପରେ ସରକାରୀ ଙ୍କ କିଛି ଭ୍ରଷ୍ଟ ସରକାରୀ ଅଧିକାରୀ ଙ୍କୁ ହାତ କରିବା ପରେ କାରଖାନା ସ୍ଥାପନ ସମୟରେ ଦେଇଥିବା ପ୍ରତିଶୃତି କୁ ଗୋଇଠା ମାରି ନିଜର ଦବଦବା ଜାହିର କରନ୍ତି । ଏହି ପରିପ୍ରେକ୍ଷିରେ କଳିଙ୍ଗନଗର ରେ ଥିବା ଏକାଧିକ କାରଖାନା ଆସୁଥିବା ବେଳେ ୨୯.୦୪.୨୦୨୩ ରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ କରିଥିବା ଜଟିଆ ଷ୍ଟିଲ କୁ ଦେଖିଲେ ଲାଗୁଛି ଜଟିଆ ଷ୍ଟିଲ କଳିଙ୍ଗନଗର ରେ ଥିବା ଜଖପୁରା ମୋଉଜା ରୁ ୪୪ ଏକର ଜମି ରେ ନିଜର କାରଖାନା ସ୍ଥାପନ କରିବା ୨୨୦ କୋଟି ଟଙ୍କାର ପ୍ରୋଜେକ୍ଟ ହୋଇଥିବା ବେଳେ ୨୧୦ ଜଣ ଙ୍କ ପ୍ରତ୍ୟେକ ଭାବରେ ନିଯୁକ୍ତି ପ୍ରଦାନ କରିବା ପାଇଁ କାର୍ଯ୍ୟ ନିର୍ବାହୀ ସାରାଂଶ ରେ ସ୍ପଷ୍ଟୀକରଣ ରଖିଥିଲେ । ମାତ୍ର କାର୍ଯ୍ୟ ଆରମ୍ଭ କରିବା ପରେ ସ୍ଥାନୀୟ ଅଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିନଥିବା ସହିତ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଯୁବତୀ ମାନଙ୍କ ଅଣଦେଖା କରି ବାହାରୁ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ତାହା ସହିତ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମୋଟ ଜମି ର୩୦% ଜମି ରେ ଜଙ୍ଗଲ ସୃଷ୍ଟି କରିବା ପାଇଁ କହିଥିବା ବେଳେ ବର୍ତମାନ ସୁଧା ସେପରି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଯାହା ଫଳରେ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ଆଡକୁ ଗତି କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଜଟିଆ ଷ୍ଟିଲ କଳିଙ୍ଗନଗର ପ୍ରକଳ୍ପ ଆରମ୍ଭରୁ ଜଦି ଏପରି କାର୍ଯ୍ୟ କରୁଅଛି । ତେବେ ଭବିଷ୍ୟତ ରେ ସରକାର ଓ ସାଧାରଣ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ପଛଘୁଞ୍ଚା ଦେବୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଓଲଟିଲା ବାଲି ବୋଝେଇ ହାଇୱା

**ସୋରଡା, ୧୯/୨(ନି.ପ୍ର):** ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ୫୯ ନଂ ଜାତୀୟ ରାଜପଥ ଜରାଉ ବ୍ରିଜ୍ ନିକଟରେ ବାଲି ବୋଝେଇ ହୋଇ ଯାଉଥିବା ଏକ ହାଇୱା ଭାରସାମ୍ୟ ହରାଇ ଓଲଟି ଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଖବର ଅନୁଯାୟୀ ଜରାଉ ନିକଟସ୍ଥ ନୂଆଁ ଖିଲବାଡି ଗ୍ରାମ ନିକଟରେ ଏକ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଉକ୍ତ କାର୍ଯ୍ୟ ସକାଶେ ଦୁର୍ଘଟଣା ଗ୍ରସ୍ତ ହାଇୱାଟି ବାଲି ବୋଝେଇ କରି ନେଇ ଯାଉଥିଲା । ତେବେ ଜରାଉ ବ୍ରିଜ୍ ନିକଟରେ ଗଡାଣିଆ ରାସ୍ତା ହେତୁ ଡ୍ରାଇଭର ଗାଡ଼ିଟିର ଭାରସ୍ୟାମ ହରାଇବାରୁ ରାସ୍ତା ପାର୍ଶ୍ୱରେ ଥିବା ଖାଲକୁ ଖସିଯାଇ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇନଥିବା ବେଳେ ଗାଡିଟି କ୍ଷତିଗ୍ରସ୍ତ ହୋଇଛି । ଘଟଣା ସ୍ଥଳରେ ସୋରଡ଼ା ପୋଲିସ୍ ପହଞ୍ଚି ଘଟଣାର ଅଧିକା ତଦନ୍ତ କରିଛି । ଓଲଟି ପଡ଼ିଥିବା ହାଇୱାଟିକୁ ଉଦ୍ଧାର କରିବା ପାଇଁ ପ୍ରୟାସ କରାଯାଇଥିବା ସୂଚନା ମିଳିଛି ।

# ଏମବିଏସ ପବ୍ଲିକ ସ୍କୁଲରେ ସ୍ମାର୍ଟ ଭିଜନ ଲର୍ଣ୍ଣିଙ୍ଗସିଷ୍ଟମ ଦ୍ୱାରା ପୁରସ୍କାର ବଣ୍ଟନ ଉତ୍ସବ

**ଭୁବନେଶ୍ୱର, ୧୯/୨(ନି.ପ୍ର):** ଛାତ୍ରଛାତ୍ରୀଙ୍କ ସଫଳତାକୁ ସନମାନ ଦେଇ ମଙ୍ଗଳବାର ଏମ.ବି.ଏସ ପବ୍ଲିକ ସ୍କୁଲରେ ସ୍ମାର୍ଟ ଭିଜନ ଲର୍ଣ୍ଣିଙ୍ଗ ସିଷ୍ଟମ ଦ୍ୱାରା ଆୟୋଜିତ ଅଲିମ୍ପିଆଡ୍ କାର୍ଯ୍ୟକ୍ରମର ପରିଣାମ ଘୋଷଣା ଏବଂ ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ସଫଳତା ଏବଂ ଶିକ୍ଷକମାନଙ୍କ ଦୃଢ଼ ପ୍ରୟାସକୁ ସମ୍ମାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏମ.ବି.ଏସ ପବ୍ଲିକ ସ୍କୁଲ୍‌ର ପ୍ରଧାନଶିକ୍ଷକ ଜେ.କେ ଶିଶୁ ଗୋସ୍ୱାମୀ ଓ ସଂଯୋଜିକା ସୁଜାତା ମିଶ୍ର ଏବଂ ସମସ୍ତ ଅଲିମ୍ପିଆଡ୍ ଇନ୍‌ଚାର୍ଜଙ୍କ ସହିତ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା ।ଏହି ଉତ୍ସବରେ ସ୍ମାର୍ଟ ଭିଜନ ଲର୍ଣ୍ଣିଙ୍ଗ ସିଷ୍ଟମର ସମ୍ମାନିତ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଅଲ ଇଣ୍ଡିଆ କନଭେନର ମ୍ୟାଡମ୍ ରାଜଶ୍ରୀ ସାହୁ,ଏଚ.ଓ.ଡି ମ୍ୟାଡମ୍ ଇତିଶ୍ରୀ ପ୍ରଧାନ, କାଉନ୍‌ସିଲର ମ୍ୟାଡମ୍ ପ୍ରିୟଦର୍ଶିନୀ ଦେବତା ଏବଂ ମ୍ୟାଡମ୍ ଦୀପ୍ତି ମାଇ । ଏହି କାର୍ଯ୍ୟକ୍ରମର ସଫଳତା ପୂର୍ବକ ସ୍ମାର୍ଟ ଭିଜନ ଲର୍ଣ୍ଣିଙ୍ଗ ସିଷ୍ଟମ ଏମ.ବି.ଏସ ସ୍କୁଲର ପ୍ରଧାନଶିକ୍ଷକ, ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ସଂଯୋଜିକାଙ୍କୁ ତାଙ୍କ ସମର୍ପଣ ଓ ପ୍ରୟାସ ପାଇଁ ସାଧାରଣରେ ଧନ୍ୟବାଦ ଜଣା ଯାଇଥିଲା । ଏହି ଉତ୍ସବ ଯୁବ ମନୋବଳ ଏବଂ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ବୋଲି ମତ ପ୍ରକାଶ ପାଇଥିଲା ।



# କଳିଙ୍ଗନଗର ରେ ଜନ୍ମଗ୍ରହଣ ହେବା କ'ଣ ଭୁଲ !

**କଳିଙ୍ଗନଗର ୧୯/୨(ନି.ପ୍ର):** କଳିଙ୍ଗନଗର ରେ ଥିବା ଏକାଧିକ କାରଖାନା କୁ ଇଡିକୋ ତରଫରୁ ୨୦୧୬ ରୁ ୨୦୨୩ ମଧ୍ୟ ରେ ୧୦୨୧୬.୧୦୩ ଏକର ଜମି ଅଧିଗ୍ରହଣ କରିବା ପାଇଁ ୮୮ ଟି କାରଖାନା ସ୍ଥାପନ ପାଇଁ ଚୁକ୍ତି ହୋଇଥିବା ବେଳେ ବର୍ତମାନ ସୁଧା ଏକାଧିକ ଶିଳ୍ପସଂସ୍ଥା ସରକାରୀ ନିୟମର ଧଜିଆ ଉଡାଉଥିବା ଦେଖିବାକୁ ମିଳିଛି । ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା, ଗମନାଗମନ ବ୍ୟବସ୍ଥା କୁ ସୁଦୃଢ଼ କରିବା, ନିଯୁକ୍ତି ପ୍ରଦାନ କରିବା ଓ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ କରିବା ରେ ବିଫଳ ହୋଇଥିବା ବେଳେ ଏକାଧିକ ଶିଳ୍ପସଂସ୍ଥା ଜମି ଅଧିଗ୍ରହଣ କରିବା ପରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଭୁଲି ଯାଇଛନ୍ତି । ତେଣୁ ଏଠି ଭୁଲ କରେ ଶିଳ୍ପ ସଂସ୍ଥା କିନ୍ତୁ ସଜା ପାଏ ବିସ୍ଥାପିତ ଓ ଜମିହରା ,ଏଠି ଭୁଲ କରନ୍ତି ରାଜନେତା କିନ୍ତୁ ହଇରାଣ ହୁଅନ୍ତି ସାଧାରଣ ଜନତା ଓ ଯୁବପିଢି ହିଁ ଆଜ୍ଞା କଳିଙ୍ଗନଗର ଏବେ ଅଶାନ୍ତ ହୋଇପଡ଼ିବା ଦେଖିବାକୁ ମିଳିଛି । ଏହି ଅଶାନ୍ତ ପଛରେ ପୂର୍ବରୁ ଥିବା ସରକାର ଙ୍କ ମନ୍ତ୍ରୀ ତଥା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଥିବା ବିଧାୟକ ଙ୍କ ହାତ ଥିବା ବେଳେ ଏବେ ନୂତନ ସରକାର ଙ୍କୁ ମଧ୍ୟ କାଠଘୋଡା କୁ ଆଣିଛନ୍ତି ବିସ୍ଥାପିତ ପରିବାର କାରଣ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଥିବା ନଗଡା କୁ ଭୋକର ଭୂଗୋଳ କୁହାଯାଉଥିବା ବେଳେ ନଗଡା ସୁନାର ସୁକିନ୍ଦାରେ ରହିଛି । ନଗଡା ଯେପରି ଦୁନିଆ ଆଗକୁ ଆସିବା ପାଇଁ ବହୁ ବର୍ଷ ଲାଗିଗଲା ଠିକ୍ ସେହିପରି କଳିଙ୍ଗନଗର ରେ ଥିବା ଶିଳ୍ପାଞ୍ଚଳ ରେ ଚାଲିଥିବା ବିଭିନ୍ନ ଅସୁବିଧା କୁ ସାମ୍ନା କୁ ଆସିବା ପାଇଁ ୩୦ ବର୍ଷ ବିତିଗଲା, ପୂର୍ବରୁ ଥିବା ସରକାର ତଥା ରାଜନେତାମାନେ କଳେବଳେ କୌଶଳେ କ୍ରମେ ନଗଡା କୁ ବାହର ଦୁନିଆ ଆଗକୁ ଆଣିବା ପାଇଁ ଦେଉନଥିଲେ ବୋଲି ବହୁ ସମୟରେ ଅଭିଯୋଗ ହେଉଥିବା ଦେଖିବାକୁ ମିଳିଛି । ମାତ୍ର ତାହା ମଧ୍ୟ ଲୋକ ଲୋଚନକୁ ଆସିଥିଲା । ଠିକ୍ ସେହିପରି ଭାବରେ କଳିଙ୍ଗନଗର ରେ ଥିବା ଏକାଧିକ ଶିଳ୍ପ ସଂସ୍ଥା ନିଜେ ନିଜେ ନିଜର ଭୂଲ କୁ ଦୁନିଆ ଆଗକୁ ଆଣୁଥିବା ଦେଖିବାକୁ ମିଳିଛି । କଥା ରେ ଅଛି ପାପ କୁ ଯେତେ ବି ଆଣ୍ଠି ରେ ପୁରାଇବ ସେ ଆପେ ଆପେ ଲୋକ ଲୋଚନକୁ ଆସିଯିବ । ତାକୁ କେହି ଅଟକାଇ ପାରିବନି ଠିକ୍ ସେହିପରି ନିଜକୁ ବଡ଼ ବଡ଼ ଶିଳ୍ପ ସଂସ୍ଥା କହି ଏକାଧିକ ସରକାରୀ ନିୟମର ଧଜିଆ ଉଡାଉଥିବା କିଛି ଶିଳ୍ପ ସଂସ୍ଥା ମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଛନ୍ତି କିଛି ଭ୍ରଷ୍ଟ ସରକାରୀ ଅଧିକାରୀ ଏମାନଙ୍କ ସହଯୋଗ ମିଳିଥିବା ଯୋଗୁଁ ଶିଳ୍ପସଂସ୍ଥା ମାନେ ଆଜି ପର୍ଯ୍ୟନ୍ତ କଳିଙ୍ଗନଗର ରେ ଥିବା ସାଧାରଣ ଲୋକଙ୍କ ଜୀବନ କୁ ଅଲୋଡା ଭାବି ମନଇଚ୍ଛା କାର୍ଯ୍ୟ କରୁଥିଲେ । ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କ ସମସ୍ୟାକୁ ପାଦରେ ଦଳି ଚକଟି ନିଜର କାରଖାନା ସ୍ଥାପନ କରିବା ରେ ସଫଳ ହୋଇଥିଲେ ମାତ୍ର କଳିଙ୍ଗନଗର ରେ ଥିବା ସାଧାରଣ ଲୋକ ଓ ବିସ୍ଥାପିତ ପରିବାର ଆଜି ସଜାଗ ହୋଇ ନିଜର ହକ୍ ହାସଲ କରିବା ପାଇଁ ଆନ୍ଦୋଳନ କାରୀ ସାଜି ରାଜରାସ୍ତାରେ କୁ ଆସିବା ପାଇଁ ବାଧ ହୋଇଛି ।କଳିଙ୍ଗନଗର ଥିବା ସାଧାରଣ ଲୋକଙ୍କ ମୁହଁ ରୁ ଗୋଟିଏ କଥା କି ଆମେ କ'ଣ ପ୍ରକୃତରେ କଳିଙ୍ଗନଗର ବାସୀ, ଆମେ କ'ଣ ପ୍ରକୃତରେ ଓଡ଼ିଶା ବାସୀ, ଆମେ କ'ଣ ପ୍ରକୃତରେ ଓଡ଼ିଶା ର ଭୋଟର ଆମେ କ'ଣ ପ୍ରକୃତରେ ସ୍ୱାଧୀନତା ୭୬ ବର୍ଷ ପରର ଯୁବକ ଯୁବତୀ ବୋଲି ପ୍ରଶ୍ନ କରୁଥିବା ଦେଖିବାକୁ ମିଳିଛି ।କଳିଙ୍ଗନଗର ରେ ଥିବା ଯୁବକ ଯୁବତୀ ମାନଙ୍କୁ କିଏ ଉତ୍ତର ଦେବ ତାହା ଗୋଟିଏ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି । କଳିଙ୍ଗନଗର ରେ ତଥା ସାରା ରାଜ୍ୟରେ ଥିବା ଯୁବକ ଯୁବତୀ ମାନଙ୍କୁ ପୂର୍ବତନ ସରକାର ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହୋଇଥିବା ଯୋଗୁଁ ନୂତନ ବିଜେପି ସରକାର ଙ୍କୁ ଓଡ଼ିଶା ବାସୀ ରାଜଗାଦି ରେ ବସାଇ ଛନ୍ତି । କିନ୍ତୁ ପୂର୍ବରୁ ଥିବା ସରକାର ରେ ଯେପରି ଅଫିସର ରାଜ ଚାଲୁଥିଲା ଏବେ ମଧ୍ୟ ଉଣା ଅଧିକେ ସମଦଶା ଭୋଗୁଥିବାର ଏକାଧିକ ଉଦାହରଣ ଦେଖିବାକୁ ମିଳୁଛି । ବିଶେଷ କରି କଳିଙ୍ଗନଗର ତଥା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଏକାଧିକ ଶିଳ୍ପସଂସ୍ଥା ଥିବା ସହିତ ଏକାଧିକ ଖଣି ରହିଛି । ମାତ୍ର ଦୁଃଖର ବିଷୟ କି କଳିଙ୍ଗନଗର ତଥା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ନାହିଁ ନାହିଁ ରେ ସବୁ କିଛି ନା ଅଛି ନିଯୁକ୍ତି,ନା ଅଛି ଅଞ୍ଚଳ ବାସୀ ଙ୍କ ଉନ୍ନତି ପାଇଁ କିଛି ଯୋଜନା ନା ଅଛି ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା, ଏଠି ଖାଲି ପାଇବେ ପ୍ରଦୂଷଣ, ବେକାରୀ, ଯୁବପିଢି ନିଶାର ବସବର୍ତ୍ତୀ ଓ ବହୁ ମାରାତ୍ମକ ରୋଗ ରେ ଶିକାର ହୋଇଥିବା ବ୍ୟକ୍ତି ବିଶେଷଙ୍କ ଉପସ୍ଥିତ ହିଁ ଏଠାକାର ପ୍ରକୃତ ସ୍ଥିତି ।ଏଠାରେ ପୂର୍ବରୁ ଥିବା ଶାସକମାନେ ଗତ ୩୫ ବର୍ଷ ରେ ଶାସନରେ ରହି ତାଙ୍କ ର ବ୍ୟାଙ୍କ ଆକାଉଣ୍ଟ କୁ ଏତେ ସୁଦୃଢ଼ କରିଛନ୍ତି କି ତାଙ୍କର ସାତ ପୁରୁଷ ବସି ଖାଇଲେ ସରିନାହିଁ । ଯାହା କୁ ନେଇ ଗତ ନିର୍ବାଚନରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ର ଲୋକ ମାନେ ଏସବୁ କୁ ବୁଝି ପାରିଥିଲେ ବୋଧେ ହୁଏ ଯାହା ଫଳରେ ସାଶନ ରେ ଥିବା ବିଜେଡି କୁ ଗାଦିଚ୍ୟୁତ କରିବା ସହିତ ବିଜେପି କୁ ସୁନା ମୁକୁଟ ପିନ୍ଧାଇ ଥିଲେ , କିନ୍ତୁ ବିଡ଼ମ୍ବନାର ବିଷୟ କି ବର୍ତ୍ତମାନ ପୂର୍ବରୁ ଥିବା ସରକାର ଙ୍କ ରାସ୍ତାକୁ ବର୍ତ୍ତମାନ ର ସାଶକ ଅନୁସରଣ କରିବା ପାଇଁ ଚେଷ୍ଟା କରୁଥିବା କଥା ସାଧାରଣରେ ଆଲୋଚନା ହେଉଛି । କିନ୍ତୁ ନିର୍ବାଚନ ପୂର୍ବରୁ ଯେଉଁ ସବୁ ଆଶା ର ପାହାଡ ଦେଇଥିଲେ ତାହା ସହିତ ଅନେକ ପ୍ରତିଶୃତି କୁ ଭୁଲି ଯାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । କଳିଙ୍ଗନଗର ରେ ନିଯୁକ୍ତି ଗୋଟିଏ ବଡ଼ ପ୍ରସଙ୍ଗ ହୋଇଥିବା ବେଳେ ରାଜ୍ୟ ବାହାରରୁ ସଂଖ୍ୟାଧିକ ନିଯୁକ୍ତି ମିଳୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କ ଜୀବନ ନର୍କ ରେ ପରିଣତ ହେଉଛି ।ତେଣୁ ଆଗକୁ ଦେଖିବାକୁ ବାକି ରହିଲା ଓଡ଼ିଶା ର ମୁଖ୍ୟ ତଥା ଆଦିବାସୀ ଙ୍କ ହୃଦୟ ରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କଳିଙ୍ଗନଗର ରେ ଥିବା ଆଦିବାସୀ ଙ୍କ ପାଇଁ କ'ଣ ବ୍ୟବସ୍ଥା କରୁଛନ୍ତି ।




# ଚିକିଟୀ ବ୍ଲକରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ

**ଚିକିଟୀ, ୧୯/୨(ନି.ପ୍ର):** ପ୍ରାଥମିକ ସ୍ତରରେ ଛାତ୍ର ଛାତ୍ରୀ ମାନେ ଭାଷାଜ୍ଞାନ ଆଉ ସଂଖ୍ୟାଜ୍ଞାନରେ ନିପୁଣ ହେବାଲାଗି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ନିପୁଣ ଓଡିଶା ମେଳା ଆୟୋଜିତ ହେଉଥିବା ବେଳେ ଚିକିଟୀ ବ୍ଲକ ସୁନାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଆଜି ଅନୁଷ୍ଠିତ ହୋଇଛି ।ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା ଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗଦେଇ ନିପୁଣ ଓଡିଶା ମେଳାର ଉର୍ଦ୍ଦେଶ ଓ ମହତ୍ୱ ସମ୍ପର୍କରେ ବୁଝାଇବା ସହିତ ଛାତ୍ର ଛାତ୍ରୀ ମାନେ କିଭଳି ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନରେ ନିପୁଣ ହୋଇ ପାରିବ ସେ ନେଇ ନିଜ ବକ୍ତବ୍ୟ ରଖିଥିଲେ ।ସେହିପରି ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ସଂଯୋଜକ ସନ୍ତୋଷ କୁମାର ପଣ୍ଡା,ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ଏବିଇଓ ସିମାଞ୍ଚଳ ପଣ୍ଡା, ଶିକ୍ଷଣ ଶିକ୍ଷକ କବିତା ସିଂ ନାୟକ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଭି ଲକ୍ଷ୍ମୀ ଦେବୀ, ସରପଞ୍ଚ ଲକ୍ଷ୍ମୀଧର ବେହେରା,ବିଳାସ ସାହୁ,ସମିତି ସଭ୍ୟ ଅମୁଲ୍ୟ ବେହେରା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିମାଞ୍ଚଳ ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ ।ବ୍ଲକର ବିଭିନ୍ନ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ଓ ସୃଜନାତ୍ମକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସିଆରସିସି ଭେଙ୍କେଟସ ଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ମାନଙ୍କୁ ବିଧାୟକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।



## ସଂପାଦକୀୟ

# ସମସ୍ୟା, ସମାଧାନ

ବର୍ତମାନ ସମୟରେ ଦରଦାମ୍ ବୃଦ୍ଧି ତଥା ମହଙ୍ଗାଇ ଯେତିକି ବାଧୁଛି ତା'ଠାରୁ ଅଧିକ ବାଧୁଛି ମହଙ୍ଗାଇର ସପକ୍ଷରେ ଚାଲୁଥିବା ଭକ୍ତମାନଙ୍କର ବିତଣ୍ଡା ଯୁକ୍ତି । ଦରଦାମ୍ ବୃଦ୍ଧିକୁ ସମ୍ଭାଳିବା ପାଇଁ ଯେତିକି ସାହସ ଓ ଶକ୍ତି ଦରକାର ଦରଦାମ୍ ବୃଦ୍ଧି ବିଷୟରେ ଆଲୋଚନା କରିବା ପାଇଁ ତା'ଠାରୁ ଅଧିକ ଶକ୍ତି ଆବଶ୍ୟକ ପଡୁଛି । ଦରଦାମ୍ ବୃଦ୍ଧି ଯେତେ ବି ବାଧୁଛି ବାଧୁ କିନ୍ତୁ ଏହା ଦେଶର ବିକାଶ ପାଇଁ ଜରୁରୀ ବୋଲି କହିବାକୁ ହେବ । ନହେଲେ ତୁମେ ଦେଶଦ୍ରୋହୀ ଓ ବିଧର୍ମୀ ବୋଲି ପ୍ରମାଣିତ ହେବାକୁ ବେଶି ସମୟ ଲାଗିବ ନାହିଁ । ଗୋଟେ ବିରାଟ ଆଇ.ଟି. ସେଲ୍ ନିରୋଳା ଏହି କାମରେ ଲାଗିଛନ୍ତି । ଇତି ମଧ୍ୟରେ ଲୋକମାନଙ୍କର ରୋଜଗାରରେ ପାଂଚ ପ୍ରତିଶତ ବି ବଢ଼ିନାହିଁ । ବରଂ ଆମ ଦେଶର ସିଂହଭାଗ ଲୋକମାନଙ୍କର ରୋଜଗାର କମିଛି । କରୋନା ସଂକ୍ରମଣ ଓ ତଦ୍‌ଜନିତ ଲକ୍ ଡାଉନ୍ ଯୋଗୁ ଅଧିକାଂଶ ଲୋକଙ୍କ ପାଖରେ ରୋଜଗାର ନାହିଁ । କିନ୍ତୁ ଇତି ମଧ୍ୟରେ ବଜାରର ଦରଦାମ୍ ଏପରିକି ଖାଦ୍ୟ ଦ୍ରବ୍ୟ ଓ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ଦାମ୍ ଆକାଶରେ ଉଡୁଛି । ଏପରି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ କରିବ କ'ଣ ? ପରିସ୍ଥିତି ଆଜି ଏପରି ହୋଇଛି ଯେ, ଗରିବ ଲୋକଙ୍କ ପାଇଁ ଭାତ ପିଆଜି କି ରୁଟି ଲୁଣ ବି ଆଜି କଷ୍ଟସାଧ୍ୟ ହୋଇଯାଇଛି । କାରଣ ଆଜିର ମହରଗ ବଜାରରେ ପିଆଜ ଓ ରନ୍ଧନ ଗ୍ୟାସ୍ ଅପୂର୍ବ ପାଲଟି ଯାଇଛି । ଗତ ଚାରି ମାସ ମଧ୍ୟରେ ଗ୍ୟାସ୍ ବି ଆସି ହଜାରେ ପାଖାପାଖି ହେଲାଣି । ପେଟ୍ରୋଲ୍ ଡ଼ିଜେଲ୍ ତ ପ୍ରତିଦିନ ବଢୁଛି । ଏଭଳି ପରିସ୍ଥିତିରେ ବିଚରା ସାଧାରଣ ଲୋକଟିଏ ବଂଚିବ କେମିତି ! ଯେତେବେଳେ ନିଜ ପିଲାଙ୍କ ପେଟକୁ ଦାନା ଯୋଗାଇ ପାରୁନି କି ଗାଡ଼ି ପାଇଁ ଟୋପାଏ ପେଟ୍ରୋଲ୍ କିଣିପାରୁନି, ସେତେବେଳେ ତା ମନରେ କ୍ଷୋଭ ଆସିବା ତ ସ୍ୱାଭାବିକ । କିନ୍ତୁ ଯଦି କଷ୍ଟ ସହିନପାରି ଆପଣ ପାଟି କରିବେ ବା ଦରଦାମ୍ ବାଧୁଛି ବୋଲି କହିବେ, ତେବେ ଭକ୍ତମାନେ ଦୌଡ଼ି ଆସିବେ । ସତେ ଯେମିତି ମହଙ୍ଗାଇର ଅନ୍ୟ ନାମ ମୋଦି ! ମହଙ୍ଗାଇ ବିଷୟରେ କହିବା ଅର୍ଥ ଆପଣ ମୋଦି ବିରୋଧୀ । ଆପଣ ଦେଶଦ୍ରୋହୀ । ତେଣୁ ମନର କ୍ଷୋଭ ବାହାର କରିବେ କ'ଣ ଆପଣଙ୍କୁ ଆପଣଙ୍କ ଭାଇଙ୍କ ସହିତ ଯୁକ୍ତି କରିବାକୁ ହେବ । ପ୍ରଥମ ଥର ପାଇଁ ଆମ ଦେଶରେ ଏପରି ପରିସ୍ଥିତି ଉପୁଜିଛି । ଏବେ ଜଣେ ଉତ୍ସାହୀ ଭକ୍ତ ଫେସ୍‌ବୁକ୍‌ରେ ଲେଖିଥିଲେ ଯେ, ଲୋକମାନେ ଧନତେରାସ୍‌ରେ ହଜାର ହଜାର କୋଟି ଟଙ୍କାର ସୁନା କିଣିଲେ, ପୁଣି ପେଟ୍ରୋଲ୍ ଡିଜେଲ୍ ଦର ଶହେ କୋଡ଼ିଏ ହେଲେ ବାଧୁଛି କାହିଁକି ? କି ଅଜବ ଯୁକ୍ତି ! କେଉଁ ପ୍ରକାର ମସ୍ତିଷ୍କ ଧୂଳେଇ ହେଲେ ଜଣେ ଏପରି ଲେଖିପାରିବ ! ତାଙ୍କୁ କେମିତି ବୁଝାଯିବ ଯେ, ହଜାର ହଜାର କୋଟି ଟଙ୍କାର ସୁନା କିଣିଥିବା ଲୋକମାନଙ୍କର ସଂଖ୍ୟା ଆମ ଦେଶରେ ଅତି ବେଶିରେ ପାଂଚ ପ୍ରତିଶତ । ସେମାନଙ୍କୁ ତୈଳ ଦର ବାଧୁ ନଥାଇପାରେ କିନ୍ତୁ ୯୫ ପ୍ରତିଶତ ଲୋକଙ୍କୁ ଏହା ବାଧୁଛି । ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏ ବିଷୟରେ ଆଲୋଚନା କରିବାର ଅଧିକାର ସମସ୍ତଙ୍କର ଅଛି । ଲୋକମାନେ ତାଙ୍କ ପୋଷ୍ଟର ଏପରି ଉତର ଦେବାରୁ ଉକ୍ତ ମହାଶୟା ଲେଖିଲେ ଯେ, ଶହେ କୋଟି ଲୋକ ଟୀକା ନେଲେ, ସରକାର କ'ଣ ତାଙ୍କ ଘରୁ ଟଙ୍କା ଆଣି ଦେଇଥାନ୍ତେ । ମୁଣ୍ଡ ତ ପୂର୍ବରୁ ଧୂଆ ହୋଇଯାଇଛି, ତେଣୁ ସେ ସଠିକ୍ କଥା କହିପାରନ୍ତେ ବା କେମିତି ! କେବଳ ଟୀକା ନୁହେଁ, ସରକାର ତ ସମସ୍ତ ପ୍ରକାର ଜନକଲ୍ୟାଣକାରୀ କାମ ପାଇଁ ଆମ ଠାରୁ ସକାଳୁ ସଂଜ ଯାଏ ପ୍ରତ୍ୟେକ କାମରେ କର ନେଉଛନ୍ତି । କୋଭିଡ୍ କାଳର ଏହି ଦୁଇ ବର୍ଷ ମଧ୍ୟରେ ନୂଆ ଡାକ୍ତରଖାନା ତ ସ୍ଥାପନା ହୋଇନାହିଁ । ସରକାର ସାଂସଦମାନଙ୍କ ହାତ ପାଂଠି ବନ୍ଦ କରିଦେଇଛନ୍ତି । ତଥାପି ଅଂଟିଲାନି ଯେ, ସରକାର ରାଷ୍ଟ୍ରାୟତ ସେବା ଓ ସ୍ୱାସ୍ଥ୍ୟ ଯଥା ରେଳ, ବିମାନ ଚଳାଚଳ, ଖଣି, ବିଜୁଳି, ବନ୍ଦର ଆଦି କ୍ଷେତ୍ରରେ ଥିବା ସରକାରୀ ଉଦ୍ୟୋଗ ଓ ସେବାକୁ ଘରୋଇ କଂପାନୀକୁ ବିକ୍ରି କରିଛନ୍ତି । ପୁଣି ଟଙ୍କା ପାଇଁ ସରକାର ପେଟ୍ରୋଲ୍ ଡିଜେଲ୍ ନାଁ'ରେ ଲୋକଙ୍କ ଠାରୁ ରକ୍ତ ଶୋଷିବା ପରି କର ଆଦାୟ କରୁଛନ୍ତି । ଏଠି ଆଉ ଗୋଟିଏ କଥା ମଧ୍ୟ ବିଚାର କରାଯାଇପାରେ ଯେ, ଯଦି ଦରଦାମ୍ ବୃଦ୍ଧି କରି ଲୋକମାନଙ୍କୁ ଶୋଷଣ କରି ସେଇ ଟଙ୍କାରେ ଲୋକମାନଙ୍କୁ ଟୀକା ଦିଆଯାଇଛି, ତାହେଲେ ଟୀକାକରଣ କେବଳ ମୋଦି କରେଇଛନ୍ତି ବୋଲି ପ୍ରଚାର କରାଯାଉଛି କାହିଁକି ? ଯଦି ସରକାରଙ୍କର ଟଙ୍କା ଦରକାର, ତେବେ ବଡ଼ ବଡ଼ କର୍ପୋରେଟ୍ ମାନଙ୍କ ଉପରୁ କର ଛାଡ଼ ନକରି ତାଙ୍କ ଠାରୁ କର ଆଦାୟ କରୁନାହାନ୍ତି କାହିଁକି ? ମହଙ୍ଗାଇକୁ ନେଇ ଏବେ ଗୋଟିଏ ପ୍ରକାର ନୂଆ ଆଲୋଚନା ପ୍ରାୟୋଜିତ କରାଯାଉଛି । ବିଜେପି ନେତାମାନେ ଗଣମାଧ୍ୟମ ବୁଲି ବୁଲି କହୁଛନ୍ତି, ବିକାଶ ପାଇଁ ଦରଦାମ ବୃଦ୍ଧିର ଆବଶ୍ୟକତା ରହିଛି । ଆଶ୍ଚର୍ଯ୍ୟ କଥା ! ୨୦୧୪ ପୂର୍ବରୁ ବିଜେପି ନେତାମାନେ କ'ଣ ଏହା ବୁଝିନଥିଲେ ? ଉପା ସରକାର ସମୟରେ ସାମାନ୍ୟ ବି ଦରଦାମ୍ ବୃଦ୍ଧି ହେଲେ ସ୍ମୃତି ଈରାନୀଙ୍କ ଠୁ ଆରମ୍ଭ କରି ଅରୁଣ ଜେଟଲୀଙ୍କ ପର୍ଯ୍ୟନ୍ତ ବିଜେପି ନେତାମାନେ ରାଜରାସ୍ତାକୁ ଓହ୍ଲେଇ ଆସୁଥିବା ବେଳେ ଏବେ ଦରଦାମ୍ ବୃଦ୍ଧିଟା ଅବଶ୍ୟମ୍ଭାବୀ ହୋଇଗଲା କିପରି ? ଠିକ୍ ଅଛି, ମନେକରାଯାଉ ଯେ, ବିକାଶ ପାଇଁ ଦରଦାମ୍ ବୃଦ୍ଧି ଆବଶ୍ୟକ । ହେଲେ ଏହି ଦରଦାମ୍ ବୃଦ୍ଧିରେ ସାଧାରଣ ଗରିବ ଲୋକଟିଏ, କୋଭିଡ୍ ଜନିତ ଲକ୍ ଡାଉନ୍‌ର ମାଡ଼ରେ ଯାହାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି, ସେ ବିଚରାଟି ବଂଚିବ କିପରି ? ତା ପିଲା ଛୁଆ ପାଠ ପଢ଼ିବେ କିପରି ? ସେହି ସାଧାରଣ ଲୋକମାନେ କ'ଣ ସରକାରଙ୍କ ତାଲିକାରେ ନାଗରିକ ନୁହଁନ୍ତି ? ଭାରତ ଇତିହାସରେ ସଂପ୍ରତି ମହଙ୍ଗାଇ ଶୀର୍ଷରେ ପହଂଚିଛି । ମହଙ୍ଗାଇର ଆଲୋଚନାକୁ ଯେପରି ଭାବେ ବିରୋଧ କରାଯାଉଛି, ମହଙ୍ଗାଇର ମାଡ଼ ଠାରୁ ଏହା ଆହୁରି ବିପଦଜନକ ।

# ହଜିଗଲାଣି ମଣିଷ ପଣିଆ

**ଇଂ. ବିଦ୍ୟାଧର ପଣ୍ଡା**

ଗପଟିକୁ ଅଳ୍ପ ବହୁତେ ସମସ୍ତେ ଜାଣିଥିବେ । ହେଲେ ଏମିତି ବହୁ ଘଟଣା ନିତିଦିନ ଆମ ସମାଜରେ ଘଟିଆସୁଛି, ଘଟୁଛି ଏବଂ ଆଉରି ଆଗକୁ ଅନେକ ସଂଖ୍ୟାରେ ଘଟିବାର ସମ୍ଭାବନା ମଧ୍ୟ ଅଛି । କିନ୍ତୁ ନିକଟ ଅତୀତରେ ଏଇ ଅଧମ ସ୍ତମ୍ଭକାର ସାମ୍ନାରେ ଏମିତି ଏକ ଦୁଃଖଦ ମର୍ମସ୍ପର୍ଶୀ ହୃଦୟବିଦାରକ ଘଟଣା ଘଟିଗଲା ଯାହାକୁ ପଢିଲେ ଜାଣିବେ କି ଆଜିକାଲି ମଣିଷ ତ ପୃଥିବୀରେ ସାତଶହ କୋଟି ପାଖାପାଖି ଅଛନ୍ତି ହେଲେ ଆଉ କାହାପାଖରେ ବୋଧହୁଏ ମଣିଷ ପଣିଆ ବୋଲି କିଛି ନାହିଁ । ଯେଉଁମାନଙ୍କୁ ଆମେ ଅମୃତର ସନ୍ତାନ ବୋଲି ଭାବୁଥିଲେ ସେମାନେ ବି ଆଜି କିଛି କୁଚକ୍ରୀ ଲୋକଙ୍କର ବିଷବଳୟ ପ୍ରରୋଚନା ଭିତରକୁ ପଶି ରାକ୍ଷସ ହେବାକୁ ବସିଲେଣି । ଅମାନୁଷିକ ଅତ୍ୟାଚର କରିବାକୁ ତିଳେହେଲେ ତା'ଙ୍କ ମନରେ ଦୟାଧର୍ମର ଭାବ ଦେଖିବାକୁ ମିଳୁନାହିଁ । ମୁଁ କେବଳ ଏକ ନିଛକ ସତ୍ୟ ଘଟଣାଟିକୁ ଏଠି ମୋର ବିଦଗ୍ଧ ପାଠକମାନଙ୍କୁ ପରୋକ୍ଷି ସମୀକ୍ଷା କରିବାକୁ ଛୋଟିଆ ଅନୁରୋଧଟିଏ ରଖିବି ।

ରାଜସ୍ଥାନର ନିପଟ ମଫସଲ ଗାଁର ଜୟ ଭଗବାନ ଜଣେ ଗରିବ ବୁଢାଲୋକ । ବୟସ ସତୁରି ହେଲେ କ'ଣ ହେବ ଏବେ ବଡଝିଅ ଚଉଦ ବର୍ଷରେ ଗୃହଯୋଗ୍ୟା ହେଲା । ଝିଅଟିକୁ ବାହାଦେବାକୁ ହେଲେ ଲକ୍ଷଟଙ୍କା ଦରକାର । କୋଉଠୁ ଆଣିବ ! ବଡଝିଅ ପଛକୁପଛ ଆଉ ଦୁଇଟା ବି ଗୌରୀ ଓ ରୋହିଣୀ ଅବସ୍ଥାରେ ବଢୁଛନ୍ତି । ଅଳ୍ପଦିନ ପରେ କନ୍ୟା ହେଲେ ତା'ଙ୍କ ପାଇଁ ବି ବିବାହ ଖର୍ଚ୍ଚ ଏହି ବୁଢାବାପକୁ ହିଁ ଉଠାଇବାକୁ ହେବ । ଜଣଙ୍କ ପାଇଁ ଘରଡିହ ବିକିବାକି ହାତକୁ ଦି'ହାତ କରିଦେଲେ ସମସ୍ୟାର ସମାଧାନ ହେବନି । ଏବେ ମନକୁମନ ଭାବୁଛି କାହିଁକି ବୁଢାଦିନେ ସିଏ ବାହା ହେଲା ? ବାହା ହେବାରୁ ସିନା ଏପରି ଜଞ୍ଜାଳରେ ଦହଗଞ୍ଜ ହେଉଛି ! ଜୟ ଭଗବାନର ମା' ଛୁଆବେଳେ ମରିଗଲା ବୋଲି ତା'ର ବାଲ୍ୟବିବାହ ହୋଇ ପାରଲାନି । ରାଜସ୍ଥାନର ସେହି ଅଁଚଳରେ ଯଦି ବାଲ୍ୟବିବାହ ନକରି କିଏ ପୁଅ ବା ଝିଅ ରହିଗଲେ, ଅର୍ଥାତ୍ ବାରବର୍ଷ ଡେଇଁଗଲା ତେବେ ଆଉ ବାଡୁଅପାଣି ଗାଧୋଇବା ସଂଯୋଗ ପ୍ରାୟ ଭବିଷ୍ୟତ ଜୀବନରେ ଜୁଟେନି । ଜୟ ଭଗବାନର ନାଁ ଭଲ ସିନା କିନ୍ତୁ କପାଳରେ ଖାଲି ପରାଜୟର କାହାଣୀ ସହ ଘାତଚନ୍ଦ୍ର ଯୋଗ ଲେଖା ଅଛି । କେଉଁ ଜନ୍ମର 'ଳ କେଜାଣି, ତା'କୁ ଭୋଗିବାକୁ ତ ପଡିବ ।

ତା'କୁ ଯେତେବେଳେ ଏକାବନ ବର୍ଷ ସେତେବେଳେ ଅଠର ବର୍ଷିୟ ଯୁବତୀ ଜଣେ ତା'ଙ୍କ ଗାଁରେ ବିଧବା ହେଲା । ସେହି ଯୁବତୀକୁ ତା'ର ସ୍ୱାମୀନିଆଁରେ ପୋଡି ମାରି ସତି କରିବାକୁ ଗାଁ ଲୋକ ଜବରଦସ୍ତି ନେଇ ଯାଉଥିବାବେଳେ ଜୟ ଭଗବାନ ସମସ୍ତଙ୍କ ଗୋଡତଳେ ପଡି ନେହୁରା ହୋଇ କହିଲା, "ଆପଣଙ୍କ ଆଜ୍ଞା ହେଲେ ମୁଁ ଏହି ବିଧବାକନ୍ୟାକୁ ବିବାହ କରିବି । ମୁଁ ଏବେ ଏକାଏକା ରହିପାରୁନି । ଭାବୁଛି ଆତ୍ମହତ୍ୟା କରିଦେବି । ଆପଣ ଯଦି ଏହି ସତିକନ୍ୟାକୁ ତା'ସ୍ୱାମୀ ଜୁଇରେ ନଜଳେଇ ମୋ'ସହିତ ବିବାହର ଆଜ୍ଞା ଦେଇ ଦୟା କରନ୍ତେ ତେବେ ମୁଁ ଆପଣମାନଙ୍କ ନିକଟରେ ଚିର କୃତଜ୍ଞ ରୁହନ୍ତି ।" ଜୟ ଭଗବାନର କଥାରେ ପଂଚପରମେଶ୍ୱରଙ୍କ ହୃଦୟ ତରଳିଗଲା । ସମସ୍ତେ ରାଜି ହୋଇ ସେ କନ୍ୟାକୁ ଜୟ ଭଗବାନ ହାତରେ ଛାଡିଦେଲେ । ଦୁଇ ତିନି ବର୍ଷରେ ପିଲାପିଚିକା ନହେବାରୁ ବୈଦ୍ୟକୁ ଦେଖେଇଲେ । ବୈଦ ଦେଖି କହିଲା ଦୁହିଁଙ୍କର କିଛି ଖୁଣ ନାହିଁ । କେବଳ ଋପଗ୍ରସ୍ତ ମନକୁ ହାଲୁକା କରି ଦୁହେଁ ମିଶିଲେ ଗର୍ଭ ରହିବାରେ କୌଣସି ଅସୁବିଧା ନାହିଁ । ତେବେ ଏସବୁ ପ୍ରୟୋଗରେ ଆଣିବାକୁ ଜୟ ଭଗବାନକୁ କିଛି ସମୟ ଲାଗିଲା । ଯେତେବେଳେ ତାକୁ ଛପନ ବର୍ଷ ସେତେବେଳେ ତାର ପ୍ରଥମ କନ୍ୟାରତ୍ନଟିଏ ଜନ୍ମ ନେଲା । ତା'ପରେ ପୁତ୍ରପ୍ରାପ୍ତିର ଲାଳସାରେ ଦୁଇଟି ସନ୍ତାନ ହେଲା ସିନା କିନ୍ତୁ ଦୁଇଟି ଯାକ ସେହି କନ୍ୟା, ପୁଅ ବୋଧେ ତା'ଭାଗ୍ୟରେ ନାହିଁ । ଏବେ ବଡଝିଅକୁ ଚଉଦ ବର୍ଷ । ତା'କୁ ଋରି ବର୍ଷବେଳେ ଥାଳିରେ ବସେଇ ଜଣଙ୍କ ହାତକୁ ଟେକିଦେଇଥିଲା । ଝିଅ ଗୃହଯୋଗ୍ୟା ହେବା ଶୁଣି ସିଏ ତା'ର ଯୁବା ପୁଅପାଖକୁ ନେଇଯିବାକୁ ତନାଘନା କଲାଣି । ହେଲେ କରୋନାକାଳରେ ଛ'ମାସ ଜୟ ଭଗବାନ ଘରେ ବସିଗଲା । ଯାହା ଥିଲା ସବୁ ପାଂଚପ୍ରାଣୀ କୁଟୁମ୍ବଙ୍କ ଦ୍ୱାରା ଚଳୁ ହୋଇଗଲା । ଏବେ ବହୁତ ଜାଗା ଯାଇ ଋକିରି ପାଇଁ ନେହୁରା ହେବା ପରେ ଗୋଟିଏ ରାସ୍ତାକାମ କରୁଥିବା ଠିକାଦାର ଋକିରି ଦେବାକୁ ରାଜି ହେଲା । ହେଲେ ଋକିରି ପାଇଁ ତା'କୁ ଓଡିଶାର ମୟୁରଭଞ୍ଜ ଜିଲ୍ଲାର ବୁଢାମରାକୁ ଯିବାକୁ ହେବ । ମାସିକ ଦଶହଜାର ଟଙ୍କା ଖାଇପିଇ ଦରମା ହିସାବରେ ମିଳିବ । ଘରେ ରହିବେ ପତ୍ନୀ ସହିତ ତିନିଝିଅ । ପତ୍ନୀ ଗାଁ ସ୍ତ୍ରୀଲୋକମାନଙ୍କ ସାଙ୍ଗରେ ଅନ୍ୟର ମୂଳପାତି ଲାଗିବାକୁ ଯାଇ କିଛି ଆଣେ । ପାଖରେ ଶଳା ମାନେ ଅଛନ୍ତି । ସେମାନଙ୍କୁ କୁହାକହି କରି ବୁଢା କର୍ମକ୍ଷେତ୍ରକୁ ଋଲିଆସିଲା ।

ନୂଆକରି ଠିକାଦାର କ୍ୟାମ୍ପ ଗଢୁଥିବା ସ୍ଥାନୀୟ ମିସ୍ତ୍ରୀ ଓ ସହାୟକମାନଙ୍କୁ ତଦାରଖ କରିବା କାମ ଜୟ ଭଗବାନ ହାତରେ ନ୍ୟସ୍ତ କଲା । ବୁଢାର ଉଜତା ଛଅଫୁଟ । ଠାକରା ଗାଲ, ଆଖିଦୁଇଟା କୋରଡରେ ପଶି ଯାଇଛି । ନରକଙ୍କାଳ ଚେହେରାରେ ରାଜସ୍ଥାନର ଚୁଡିଦାରପଞ୍ଜାବୀ ପିନ୍ଧିଲେ ଲାଗେ ଯେମିତି ପୋଷାକ ଗୋଟିଏ ଆଲେଣାର ହ୍ୟାଙ୍ଗରରେ ଟଙ୍ଗା ଯାଇଛି । ମାସେ ପରେ ଠିକାଦାର ଏକ ଶୁଭ ମୁହୂର୍ତରେ ସ୍ଥାନୀୟ ସାସଂଦ ବିଶୁବାବୁଙ୍କ ହାତରେ ନଡିଆ ଭାଙ୍ଗି କାମ ଆରମ୍ଭ କଲା । ସେଠିକି ସମସ୍ତ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଡକାଗଲା । ସାଂସଦ ପଦ୍ମଫୁଲିଆକୁ ବିଧାୟକ ଶଙ୍ଖୁଆ । ରାଜନୀତି ମହଲ ସରଗରମ ହେଲା । ଶୁଭଦେବା ଜାଗାରେ ପୂଜାପରେ ତମ୍ବୁତଳେ ଛୋଟିଆ ସଭାକରି ଜନସାଧାରଣଙ୍କୁ ବିଶୁବାବୁ ଜଣେଇଲେ ଯେ ଏ'କାମ ପାଇଁ ସିଏ କେତେ କଷ୍ଟ ସହିଛନ୍ତି । କରୋନାକୁ ଭୟ ନକରି ଉଡାଜାହାଜରେ ବସି ଦିଲ୍ଲୀ ଯାଇଛନ୍ତି । ସେଠାରେ ପରିବହନ ମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତିନିରାତି ପାଂଚତାରକା ହୋଟେଲରେ ଶୋଇଶୋଇ ବହୁକଷ୍ଟରେ ଅପେକ୍ଷା କରିଛନ୍ତି । ପରିଶେଷରେ ଆଜି ଏ ଗଳାପୋଲ ଦୁଇଟା ଜନତାଙ୍କ ସୁବିଧାପାଇଁ ହେବାକୁ ଯାଇ ସ୍ଥାନୀୟ ଲୋକଙ୍କ ସ୍ୱପ୍ନ ପୁରା ହୋଇପାରିଛି । ତେବେ ସାଂସଦ ଧନ୍ୟବାଦର ପାତ୍ର । ଏସବୁ ଖବରକାଗଜରୁ ପଢି ବିଧାୟକ ଦାମବାବୁଙ୍କ ମଗଜ ଗରମହେଲା । ସହଜେ ପଦ୍ମଫୁଲିଆଙ୍କ ଛାଇ ପଡିଲେ ଶଙ୍ଖୁଆଙ୍କର ନାହିଡିଏଁ । ସହିବ କେମିତି । ଦଳିୟକର୍ମୀଙ୍କୁ ଡାକି ନାଲିଆଖି ଦେଖେଇଲେ । ଶ.. ବାଘ ଘରେ ମିରିଗ ନାଟ । ସିଏ କିଏ ବେ । ଏଠି ମୁଁ ରାଜା । ଏଇଟା ମୋ ଏରିଆ, ମାନେ ମୋତେ ନଜଣେଇ ସେ ଶ. ନଡିଆ ଫଟେଇ ପାଣି ବାହାରକରିବ । ସେ ଠିକାଦାର କଥା ତୁରନ୍ତ ବୁଝ । କିଛିଦିନ ପରେ ସେହି ସାମ୍ବାଦିକମାନଙ୍କ ଭିତରୁ ଜଣେଜଣେ ଠିକାଦାର ପାଖକୁ ଆସି ହପ୍ତା ବିଷୟରେ କଥାହେଲେ । ଠିକାଦାର ବହୁତ କମ୍ ପଇସାରେ ବଡକାମଟିଏ ପ୍ରଥମଥର ପାଇଁ ନେଇ ଯାଇଛି । ତା'ଉପରକୁ ତା'ପାଖ ପ୍ରତିଯୋଗୀଠାରୁ ଦଶକୋଟି ଟଙ୍କା କମ୍‌ରେ ଏଗ୍ରୀମେଂଟ ଦସ୍ତଖତ କରିଦେଇଛି ଯେତେବେଳେ ମୁଣ୍ଡ ଘାଉଁରୋଉଛି କାମ କେମିତି ସାରିବ ! ଏବେ ସମସ୍ତେ ଏଠି ଉଚ୍ଚା ହପ୍ତା ଆଶାରେ ଅଥୟ କଲେଣି । ଅନ୍ୟମାନଙ୍କ କଥା ଛାଡ, କିନ୍ତୁ ସ୍ଥାନୀୟ ପୋଲିସ ଥାନା, ତହସିଲ୍ ଏବଂ ସାମ୍ବାଦିକମାନଙ୍କ ସହ ନେତାମାନଙ୍କ ଖେଳେଇରେ କିଛିକିଛି ନପକେଇଲେ କାମ ଉଠେଇବା କଣ ସହଜ ? ଏପରି ଚିନ୍ତାରେ ଠିକାଦାର ଥିବା ବେଳେ ପାଖ ଗାଁଲୋକମାନେ କ୍ୟାମ୍ପରୁ ଚୋରିଚପଟ ଆରମ୍ଭ କଲେ ।

କ୍ୟାମ୍ପ ଋରିପଟେ କିଛି ଟୁକୁରା ଲୁହାଛଡକୁ ତିନୋଟି ଲଙ୍ଗଳାଛୁଆ ସନ୍ଧ୍ୟାରେ ଗୋଟାଉଥିବା ଦେଖି ଜୟ ଭଗବାନ ମେସ୍‌ଘରୁ ଦଉଡି ସେମାନଙ୍କୁ ଘଉଡେଇଦେଲା । ସକାଳେ ସେମାନେ ପାଖକେନାଲ ପାଣିରେ ଗାଧୋଇଲା ବେଳେ ଜୟ ଭଗବାନ ସେପଟେ ଋଲଋଲ ହୋଇ ଗଲାବେଳେ ପିଲାମାନେ ଆପେଆପେ ପାଣିରୁ ବାହାରି ଗାଁ ଆଡକୁ ଦୌଡିଲେ ଏବଂ ସେ ବୁଢା ତା'ଙ୍କୁ ଗୋଡାଉଛି ବୋଲି ସେମାନେ ଯାଇ ତା'ଙ୍କ ଘରେ ମା ବାପାଙ୍କୁ କହିଲେ । ସେଠାକାର ଜନୈକ ସାମ୍ବାଦିକ ହୋତା ଠିକାଦାରପାଖରୁ କିଛି ନିଜିକାମ ପାଇଁ ଯାଇ ନିରାଶ ହୋଇ ଫେରିଥିଲା । ତା'କୁ ସୁବର୍ଣ୍ଣ ସୁଯୋଗଟିଏ ମିଳିଗଲା ଠିକାଦାର ଉପରେ ପ୍ରତିଶୋଧ ନେବାପାଇଁ । କାହାମୁଣ୍ଡରେ ଏମିତି ଏକ ଉପାୟ ଜୁଟିଲା କେଜାଣି ! ଏହି ସାମାନ୍ୟ ଘଟଣାକୁ ରୂପ ଦିଆଗଲା ଯେ ସେ ଜୟ ଭଗବାନ ବୁଢା ସେହି ଲଙ୍ଗଳା ଗାଁଛୁଆମାନଙ୍କୁ ବଳିଦେବା ଉଦ୍ଦେଶ୍ୟରେ ଧରିବାପାଇଁ ଗୋଡାଉଛି । ଏ'କଥା ଶୁଣି ଗାଁଲୋକ ବାଉଁଶ ଠେଙ୍ଗା ଧରି ଶହେଦେଢଶ ସଂଖ୍ୟାରେ କ୍ୟାମ୍ପର ସମସ୍ତ ହିନ୍ଦୀଭାଷି ଅନ୍ତେବାସୀମାନଙ୍କ ଉପରେ ଆକ୍ରମଣ କରିଦେଲେ । ସମସ୍ତ ଅଧିକାରୀଙ୍କୁ ଅନ୍ଧାଧୁନ ପିଟିବାକୁ ଲାଗିଲେ ଏବଂ ଜୟ ଭଗବାନକୁ ନିର୍ଦ୍ଦୟ ଭାବରେ ବହୁତ ପିଟିପିଟି ଧାରାସାୟୀ କରିଦେଲେ । ତା'ର ବିକଳ ଆର୍ତ ଚିତ୍କାର କାହାର କାନ ଭିତରେ ପଶୁନଥାଏ । ପୋଲିସଦଳ ଆସି ସେ ସମସ୍ତ ମାଡଖିଆ ଲୋକମାନଙ୍କୁ ସେଠାରୁ ଥାନାକୁ ନେଇ ତଦନ୍ତରୁ ଜାଣିଲେ ଯେ ଜୟ ଭଗବାନ ବଳିପାଇଁ ଛୁଆମାନଙ୍କୁ ଗୋଡାଉଥିଲା । ସମସ୍ତ ଖବରକାଗଜରେ ସକାଳେ କଥାଟି ଛପାହେଲା ଏବଂ ଓଟିଭିରେ ମଧ୍ୟ ଏହି ଘଟଣାଟିକୁ ସୁନ୍ଦରଭାବରେ ପ୍ରସାରଣ କରାଗଲା । ଏଠି ତିନିତୁଣ୍ଡ ନୁହେଁ ଛଅତୁଣ୍ଡରେ ଜୟ ଭଗବାନ ଦୋଷୀ ସାବ୍ୟସ୍ତ ହୋଇ କାରାଗାର ଭିତରେ ପଶିଲା । ଠିକାଦାରଠାରୁ ନିରାଶ ହୋଇ ସାମ୍ବାଦିକମାନେ ନାରାଜ, ପୋଲିସ ନାରାଜ ଏବଂ ଗଣ୍ୟମାନ୍ୟ ନେତୃତୁଲ୍ୟ ବ୍ୟକ୍ତିବିଶେଷ ବି ଋନ୍ଦାଭେଦାରୁ ବଂଚିତ ଥିବାରୁ ମିଛ ଘଟଣାଟିକୁ ସତ ଘଟଣାରେ ରୂପାନ୍ତରିତ କରି ନିଜର ପେଟପାଟଣା ଉଦ୍ଦେଶ୍ୟରେ ପଶ୍ଚିମଭାରତରୁ ପୂର୍ବଭାରତକୁ ନିଜେ ବଂଚି ପରିବାର ବଂଚଇବା ପାଇଁ ଆସି ବିଚରା ଗୁଡାଏ ମାଡଖାଇଲା । ଠିକାଦାର ଭାବୁଛି ଯାହାହେଉ ଏତେ ମାଡଖାଇ ବି ଜୟ ଭଗବାନ ବଂଚିଗଲା । ଯଦି ମରିଯାଇଥାନ୍ତା ତେବେ ତା'ଝିଅକୁ କିଏ ବାହା ଦେଇଥାନ୍ତା ? ତା'ପରିବାରକୁ ଭରଣପୋଷଣ କରିବାପାଇଁ କିଏ ଆଗକୁ ଆସିଥାନ୍ତା । ବିଚରା ସ୍ତ୍ରୀ ସହ ତିନିଟା ମାଇପିଲା ଭାସି ଯାଇଥାନ୍ତେ । ଭଗବାନ ହିଁ ବଡଲୋକ, ବଂଚେଇ ଦେଲା ।

ପିଲାକୁ ବଳି ଦେବାରେ ଥିଲେ କ'ଣ ଜଣେ ଦିବାଲୋକରେ ରାଜରାସ୍ତାରେ ଗୋଡାଇବ ! ଜଣେ ସତୁରି ବର୍ଷୀୟ ବୁଢା ଏକାକାଳୀନ ଏକ ନୁହେଁ ଦୁଇ ନୁହେଁ ଋରିଜଣକୁ ବଳି ଦେବାପାଇଁ ଗୋଟେଇ ଗୋଟେଇ ଧରିବାର ପ୍ରଚେଷ୍ଟା କରିବ ! ଧନ୍ୟ ଆମ ସମାଜ, ଧନ୍ୟ ସେସବୁ ଅଧିକାରୀଙ୍କ ତଦନ୍ତ । ପାଠକମାନଙ୍କ ଭିତରୁ କେହି କହିପାରନ୍ତି ଯେ ସ୍ତମ୍ଭକାରର ବୁଦ୍ଧିଶୁଦ୍ଧି କ'ଣ ସେଠାକାର ଭାରପ୍ରାପ୍ତ ପୋଲିସ ଅଫିସରଙ୍କ ଠାରୁ ବେଶୀ । ତାପରେ ଆମ ଗଣତନ୍ତ୍ର ଶାସନରେ ସାମ୍ବାଦିକମାନେ ଚତୁର୍ଥ ସ୍ତମ୍ଭ, ସେମାନେ ସବୁ ଜାଣିବା ନର । ନାରଦମୁନିଙ୍କର ପ୍ରତିନିଧି ମିଛ କାହିଁକି ଲେଖିବେ ? କିନ୍ତୁ ଏହି ଘଟଣାଟି ନିଛକ ମିଛ । ସେ ବୁଢା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ତେବେ ଯାହା ତ ହେବା କଥା ହେଲାଣି । ଠିକାଦାର ବୁଦ୍ଧି ଶିଖିଲା, ଏବେ ଦୁଆର ଦୁଆର ବୋଲି ସମାଧାନର ରାସ୍ତା ଖୋଜୁଛି । ହପ୍ତା ଆରମ୍ଭ ବିନା କାମ ଆରମ୍ଭ କରିବା ସତରେ ବହୁତ ବଡ ଅପରାଧ । ତେବେ ଉତର ଓଡିଶାର ମୟୁରଭଞ୍ଜ ଜିଲ୍ଲାର ବୁଢାମରା ଗାଁ ନିଜର ନାମକୁ ଆଉଥରେ ସାର୍ଥକ କରିବାକୁ ଯାଇଁ ସେଦିନ ଗୋଟିଏ ନିର୍ଦ୍ଦୋଷ ବୁଢାକୁ ସେହି ପବିତ୍ରମାଟିରେ ମାରୁମାରୁ ଜୀବନରେ ମାରି ଦେଇଥାନ୍ତା । କିନ୍ତୁ ନିୟତିର ନିର୍ଦ୍ଦେଶ ଭିନ୍ନ, ମିଛ ଘଟଣାର ଶିକାର ହୋଇ ବିଚରା ଗରିବ ବୁଢାଟିଏ ଦିନେ କାରାଗାରର ଋରିକାନ୍ଥ ଭିତରେ ରହିଲା ପରେ ଅନେକ ଏବେ କହିଲେଣି ଘଟଣାଟି ମିଛ ବୋଲି । କିଏ ଜଣେ ସାହାଯ୍ୟ କରିବାରୁ ଦିନକ ପରେ କାରାଗାରରୁ ମୁକ୍ତି ମିଳିଲା । ହେଲେ ଏବେ ଭାବୁଛି ଆଉ ଏଠି କାମ କରିବନି, ପରିବାର ଭାସିଗଲେ ଭାସି ଯାଆନ୍ତୁ ପଛେ ସିଏ କାମ ଛାଡି ଘରକୁ ଫେରିଯିବ ।

# ଏସବୁ କଣ ଅକୁହା କଥା ନୁହଁ ?

**ଉତ୍କଳାନନ୍ଦ ଅଜୟ ବେହେରା**

ଆନନ୍ଦପୂର୍ଣ୍ଣ, ସ୍ନେହପୂର୍ଣ୍ଣ, ପ୍ରେମପୂର୍ଣ୍ଣ, ମମତାପୂର୍ଣ୍ଣ, କଥାକୁ ସମସ୍ତେ ଭଲ ପାଆନ୍ତି । ମାତ୍ର କଟୁକଥା ବା କ୍ରୋଧାନ୍ୱିତ ବଚନ, କେହି ଭଲପାଆନ୍ତି ନାହିଁ । ଆଳପୂର୍ଣ୍ଣ କଥା ଅଛି । ପ୍ରସଙ୍ଗ ଭିନ୍ନରେ କଥା କହି ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ପୁଣି କଟୁଆଳୀ ଭାଷା ପ୍ରୟୋଗ କରାଯାଏ । ପରର ଭୁଲ ଦର୍ଶାଇ, ନିଜର ଭୁଲ ଲୁଚାଇ ବ୍ୟକ୍ତି ମାମଲା, କରନ୍ତି ଫେରାଦ ହୁଅନ୍ତି । ମାମଲା ବୁଝିବା ବିଚାରପତି ବା ପୋଲିସ ବାଦୀ ପ୍ରତିବାଦୀଙ୍କୁ ଜେରା କରି ଅସଲ କଥା ବାହାର କରି ପ୍ରକୃତ ଅପରାଧିକୁ ଦୋଷୀ ସାବ୍ୟସ୍ତ କରାନ୍ତି । ଏଥିପାଇଁ ବିଚାରକୁ ପୁରା କରି କଥାଠାର ଆଳ ସୃଷ୍ଟି କରନ୍ତି । ଯୁବକ, ଯୁବତୀ ଉଦ୍ଦେଶ୍ୟ ପୂରଣ ପାଇଁ ପ୍ରେମର ଜାଲ ବସାନ୍ତି, ଏକ ମାୟା ଛଳନାର କଥା ପ୍ରସଙ୍ଗର ଦ୍ୱାହିରେ ମୁଦିର କାମ, ମୁଦି ବା ସିଲ କରିବା । କନ୍ୟାକୁ ବୋହୁ କରିନେବା ପାଇଁ ବରପକ୍ଷର ଲୋକ ଆଙ୍ଗୁରୀୟ ଉତ୍ସବ କରୁଛନ୍ତି । ବିବାହ ହେଲାବେଳେ କନ୍ୟାକୁ ବରଘର ଓ ବରକୁ କନ୍ୟାଘର ଏକ ସୁନା ଚେନ ବା ହାରରେ ବାନ୍ଧି ଦିଅନ୍ତି । ସେହି ଚେନରୁ ଏକ ଅଦୃଶ୍ୟ ରସି କନ୍ୟାର ବରଘରେ ଓ ବରର କନ୍ୟାଘରେ ରହିଥାଏ । ସ୍ନେହ ମମତା ବନ୍ଧନର ଏ ଚେନ ବାହାରର ପଘା ତାଙ୍କର ଅକ୍ତିଆର କରିଥାଏ । ଜୁଲମ କରି ବର, କନ୍ୟାକୁ ନନେଇ ଏମିତି ପରିବେଶ ସୃଷ୍ଟି କରାଯାଉଛି ଯହିଁରେ ବିବାହ ଅନୁଷ୍ଠାନ ପରେ କନ୍ୟାର ମେଲାଣି ଶୋକାକୁଳ ପରିବେଶରେ ରହିଥାଏ । ଏ ସମୟରେ କନ୍ୟା ତରଫ କନ୍ୟାର ଭାଇ ପରି ଯୁବକ ବରର ସବାରୀ ବା ଯାନରେ କନ୍ୟାକୁ ଭିଡ଼ିନେଇ ବସାଇ ବର ସହିତ ବରଘରକୁ ପଠାଉଛନ୍ତି । ପୂର୍ବେ କନ୍ୟାକୁ ହାତଧରି ଝିଙ୍କି ନେବା ପଦ୍ଧତିରେ କ୍ଷତ୍ରୀୟ ଦସ୍ୟୁଗିରି ବିବାହ ଥିଲା । ଦ୍ୱାରିକାଧିପତିକୃଷ୍ଣ ରୁକ୍ମଣୀଙ୍କୁ, ଅର୍ଜୁନ ସୁଭଦ୍ରାଙ୍କୁ ଏପରି ବିବାହ କରିଥିଲେ । ବିବାହ ନକରି ବି କନ୍ୟାଙ୍କୁ ଭୋଗ୍ୟା ରୂପେ ଅନେକ ରାଜା ବାଦଶା, ସୁଲତାନ ଯୁଦ୍ଧ ଅସ୍ତ୍ର ଭୟରେ ଚଲାଇ ଭିଡ଼ିନେଇଛନ୍ତି । ସୀତାଙ୍କୁ ରାବଣ ଏମିତି ଉଠାଇ ନେଇ ଆକାଶମାର୍ଗରେ ସ୍ଥାନାନ୍ତର କରିଥିଲେ ମାତ୍ର ଉଦ୍ଦେଶ୍ୟ ଭିନ୍ନ ଥିବାରୁ ସୀତାଙ୍କୁ ପରେ ସ୍ପର୍ଶ କରିନଥିଲେ । ଶରୀର ଭାଷାକୁ ସମସ୍ତେ ଚିହ୍ନନ୍ତୁ ଏକ ସୂଚନା ରଖିଛନ୍ତି ରାବଣ ଏମିତି ଶରୀରର ଇଙ୍ଗିତ ଭାଷା ଏକ କଥା ।

ଦ୍ରୌପଦୀ, ସାବିତ୍ରୀ, ପାର୍ବତୀ ଏମାନେ ରାଜକୁମାରୀ ନିଶ୍ଚେ ଅଲ୍ୟଳରେ ବଢ଼ିଛନ୍ତି । ଏମାନେ ବିବାହ ପାଇଁ ଯାହାଙ୍କୁ ବାଛିଛନ୍ତି ବା ପରିସ୍ଥିତିରେ ଯେତେବେଳେ ଅର୍ପିତ ହେବାକୁ ବାଧ୍ୟ ହୋଇଛନ୍ତି, ସେତେବେଳେ ଯାହାଙ୍କୁ ବିବାହିତ ସେମାନେ କେବେ ଧନୀ ରାଜପୁରୁଷ ନଥିଲେ । ଦ୍ରୌପଦୀ ପାଂଚ ଜଣଙ୍କୁ ବିବାହ କଲେ । ସାବିତ୍ରୀ ସତ୍ୟବାନଙ୍କୁ ନିଜେ ବାଛି ତାଙ୍କର କଣ ସଦ୍‌ଗୁଣ ଦେଖି ପିତାଙ୍କୁ ପ୍ରଭାବିତ କରି ବିବାହ କରିଥିଲେ ତାହାର ଇଙ୍ଗିତକୁ ଭଲ ଭାବରେ କେହି ନବୁଝି । ଯେଉଁ ସାବିତ୍ରୀ ବ୍ରତରେ ସ୍ୱାମୀଙ୍କୁ ଶାଢ଼ୀ ଗହଣା ଭୋଜନ ପାଇଁ ଫଳମୂଳ ବରାଦ କରୁଛନ୍ତି ଏହା ଏକ ଭୁଲ ଚିନ୍ତା । ଶିବଙ୍କ ଧୈର୍ଯ୍ୟବାନ ସ୍ଥିତିରେ ଶରୀରକୁ ଇନ୍ଦ୍ରିୟ ମାନଙ୍କୁ ପ୍ରବଳ କଷ୍ଟ ଦେଇ ଯେଉଁ ସାଧନା କରିବା ପାର୍ବତୀ ଦେଖିଥିଲେ ସେହି ପରମାବିଦୁଷୀ ତାଙ୍କୁ ଜଣେ ଅନ୍ୟାନ୍ୟ ବ୍ୟକ୍ତି ଓ ମହାନ ବୁଝି ବିବାହକୁ ମାନସ କରିଥିଲେ । ଜଣେ ଅଲ୍ୟାଳି ରାଜକୁମାରୀ ବାଛିଲେ ଜାତି, ଗୋତ୍ର, କୁଳଶୀଳ, ଘରଗ୍ରାମ, କିଛି ଖୋଜ କରିନାହାଁନ୍ତି । ବିବାହରେ ଜାତିଗୋତ୍ର କୁଳଶୀଳ ବରର ଆୟ ସବୁ ପିତାମାତା ହିଁ ପ୍ରଥମେ ଖୋଜନ୍ତି । ଏଥିରେ ବି ଭାଷା ସମ୍ବନ୍ଧ ଏହି ତିନି ରାଜକୁମାରୀଙ୍କ ଅଛି । ନୀରବ ଦେବ ନିବେଦନ ସିଦ୍ଧିପାଇଁ ଅବଶ୍ୟ ରହିଛି । ଏବେ 'ଘଟକ' ବା ବିବାହ ମଧ୍ୟସ୍ଥି କାର୍ଯ୍ୟ ଏକ ବିଶେଷ ବୃତି ହେଲାଣି । ଏଥିରେ କନ୍ୟାଙ୍କୁ ବର ଓ ବରକୁ କନ୍ୟା ଯୋଗାଇବା ଧନ୍ଦା ଜଡ଼ିତ । ପୂର୍ବେ କନ୍ୟା ବିବାହ ପାଇଁ ବନ୍ଧୁ ବାନ୍ଧବ ସମ୍ପର୍କ ଲତାକିତାରେ ଖୋଜାଯାଇ କରାଯାଉଥିଲା । ଝିଅଙ୍କ ଖବର ଭଲମନ୍ଦ ସହଜରେ ଜାଣିବା ପାଇଁ ଏକ ସୂକ୍ଷ୍ମ ବ୍ୟବସ୍ଥା ଏଥିରେ ଜଡ଼ିତ ଥିଲା । ଏବେ ଦେଲୁ ନାରୀ ହେଲୁ ପାରି, ଏଇ ଭାବ ସହିତ ଦେଶାନ୍ତରୀ ଦରିଆପାରି ବର ସହିତ କନ୍ୟାକୁ ବିବାହ ସମ୍ପର୍କ ଯୋଡ଼ି ବିଦାୟ କରାଯାଉଛି । ରୋଜଗାରୀ ବରପାତ୍ରକୁ ସମସ୍ତେ ଖୋଜୁଛନ୍ତି, ମାଲଦାର ବରପିତା, ଓ ବିଦୁଷୀ, ଅର୍ଥ ଆୟକାରିଣୀ ଖୋଜା ପଡୁଛି । ଏଥିରେ ବର ଦୁର୍ଗୁଣ କନ୍ୟାର ଦୁର୍ଗୁଣକୁ ଯାହା ପରେ ପ୍ରକାଶ ପାଇଁ ହଇରାଣ ହରକତ କୋର୍ଟ କଚେରୀର ଦ୍ୱାର ହେବାକୁ ପଡ଼ିବ କେହି ଦେଖୁନାହିଁ । ଏଥିରେ କପଟ କଥା ଉଭୟରେ ଲୁଚି ରହିଛି ସମୟାନ୍ତରକୁ ଏହା ପ୍ରକାଶ ହେଉଛି । ଘଟକମାନେ ତାଙ୍କ ବୃତି ଜାହିର ପାଇଁ ମୋଟୀ, ଛୋଟି, କାଳୀକୁ ରଙ୍ଗେଇ ସୁନ୍ଦର ରଙ୍ଗ ଦେଇ ବରଘର ଆଗରେ କହି ପାରନ୍ତି ଫଟେରେ କଳାକୁ ମହଗୌରୀ କରାଯାଇପାରେ, ଏଥିରେ ସୁନ୍ଦରୀ କାର୍ଯ୍ୟାଳୟ (ବିଉଟି ପାର୍ଲର) ଜଡ଼ିତ ବାଡୁଅ ପାଣି ଗାଧୋଇବା ପରେ କନ୍ୟା ପଦାକୁ ଯିବା ମନା ହେଲେ ଭଲ ବିଉଟି ପାର୍ଲରକୁ କନ୍ୟାମାନେ ଅବାଧରେ ଯାଇପାରୁଛନ୍ତି । ବରର କେହି ସାର୍ଟିଫିକେଟ ଦେଖୁନାହିଁ । ସାର୍ଟିଫିକେଟରେ ପାଠରେ ରଖିଥିବା ନମ୍ବର ଅନେକ ସମୟରେ ଉଲ୍ଲେଖ ଥାଏ । ଭଲ ନମ୍ବର ରଖିବା ବିଦ୍ୟାର୍ଥୀର ଲୟ ଅନ୍ୟଥିରେ ରହିନପାରେ ମାତ୍ର କିଛି ବ୍ୟକ୍ତି ପାଠପଢ଼ିବା ପରେ ରୋଜଗାର ପାଇଁ ଲୋଭ କରନ୍ତି । ଦରମା ବାଦ ଉଦ୍‌ବୃତ ଆଶା କରନ୍ତି । ଅର୍ଥ ସହିତ ଉପଢ଼ୌକନ ମିଳିଯାଏ । ଏ ଆସେ ଦାମ୍ପତ୍ୟ ଜୀବନ କଳୁଷିତ କରିବା ପାଇଁ । ଅନୈତିକ ଆୟ ପଂଚମକାରର ବାମ ମାର୍ଗରେ ପୁରାଏ । ପଂଚମରେ ଅନେକ ଜିନିଷ ଆସିଥାଏ ପୂର୍ବେ ଏହା ତନ୍ତ୍ରରେ ଥିଲା ଏବେ ବଡ଼ ବଡ଼ ବ୍ୟକ୍ତିଙ୍କ କାର୍ଯ୍ୟଶୈଳୀରେ ପଶିଗଲାଣି । ଏମିତି ଅକୁହା କଥାରେ ବଡ଼ ବଡ଼ ବାବୁଙ୍କ ଶ୍ୱଶୁର, ଶାଶୁ, ସ୍ତ୍ରୀ ଗୁପ୍ତରେ ଲୁହ ଗଡ଼ାନ୍ତି । ଏହା ବି ଅକୁହା କଥା । କି ମୋବାଇଲ ଫୋନ ହେଲା ଏକ ମାୟା ଏଥିରେ ଜଡ଼ିତ ଦାମ୍ପତ୍ୟ କଳହ କୁଆଡ଼େ କ୍ଷଣସ୍ଥାୟୀ ଥିଲା ଏବେ କଳିର ଧାରା ବିବରଣୀ ସାଥି ସାଥି ବାପଘରକୁ ଟେଲିକାଷ୍ଟ ପରେ ପରେ ଦାବୀଦାର ଚାପଦାର ଉଭା । ସମୟ ଜନସଂଖ୍ୟା ବୃଦ୍ଧିର ନାରୀଙ୍କୁ କର୍ମ ନିୟୋଗ କରାଯିବ । ନାରୀର ସ୍ୱାଧୀନ ଉପାର୍ଜନ ଦିଗର ଭଲ ଦିଗକୁ ବଢ଼ାଯିବ । ଆଦିମ ବୃତିକୁ ଗୌଣ କରାଯିବ । ହେଲେ ପୂର୍ବେ ଦାସୀ ପୋଇଲି ବୃତିରୁ ଆହୁରି ହୀନ ବା ତତୁଲ୍ୟ ପଦରେ ତାଙ୍କୁ ରଖାଯାଉଛି । ଥୋପ ଦେଖାଇ ମାଛ ମାରିବା ପରି, ଭବିଷ୍ୟତର ଥୋପ ଦେଖାଇ ଠିକାଦାର ମାର୍ଫତରେ ସରକାରୀ ଅନୁଷ୍ଠାନରେ ବଡ଼ ବଡ଼ କମ୍ପାନୀରେ ସମାନ କାମକୁ ସମାନ ଦରମାରେ ରଖାଯାଇନାହିଁ, ବରଂ ଅନେକ ମୂଲ୍ୟବାନ କାମରେ ରଖାଯାଇ ତତ୍ ବିଦ୍ୟା ଅନୁଭୂତି ପୂର୍ବରୁ ମୁତୟନଙ୍କ ନାଲି ଆଖିରେ କାମ କରିବାକୁ ପଡୁଛି । ଏଥିରେ ପୂର୍ବରୁ ଥିବା ନାରୀ ଅଧିକର୍ତା ବି ଟିକେ ବିଗଳିତ ହେଉନାହାଁନ୍ତି । ସମସ୍ତଙ୍କର ଖାଲିପାଦ, ଘରେ ଦାଣ୍ଡ ଦ୍ୱାରବନ୍ଧରେ ବାଉଁଶ କବାଟ ନେପଟା ଘର, ବଳଦ ଗାଈ ଅଗଣା ଦାଣ୍ଡରେ ବନ୍ଧାଗଲେ ଜମିଦାରଙ୍କ କାନକୁହାଙ୍କ ଦୃଷ୍ଟିରେ ଆସିଲେ ସର୍ବନାଶ ଗଲ ବଳଦ ଗଲାଗାଈ ଭଲ ଧାନ ଫସଲ ଜମିରେ ଉତୁରିଲେ ଜମିଯିବ ନଚେତ ଫସଲ ଯିବ । କାଠ ଯନ୍ତ୍ର ଡଙ୍ଗା, ଘଣା, ତନ୍ତ, ଲଙ୍ଗଳ, ଯୁଆଳୀ, ଶଗଡ଼, ଢ଼ିଙ୍କି ପରି ବ୍ୟବହାର ବୃତିର ଉତ୍ସ ରଦ୍ଧ ହୋଇଗଲା । କାଠ ଆଲମାରୀ, ଚୌକି, ମେଜ, ସିନ୍ଦୁକ ରଦ୍ଧ । ଚାହୁଁ ଚାହୁଁ ଅନେକ ବୃତି ରଦ୍ଧ, ଏମାନଙ୍କୁ ବେକାର କରି ନୂଆ ବୃତିରେ ମୁତୟନ ପାଇଁ କେହି ଚେଷ୍ଟ କରିନାହାଁନ୍ତି କି, ବୃତି ସଂସ୍କାର କରିନାହାଁନ୍ତି । ସେ ଜାତିର ଦଳବେହେରାଙ୍କୁ କେହି ମାନ୍ୟତା ଦେଉନାହାଁନ୍ତି କି, ତାଙ୍କ କଥା କେହି ଶୁଣନ୍ତିନାହିଁ । ଯାହାକୁ ଭେକ ହେଉଛି ସେ ଦଳର ନେତା ବିଲୁପ୍ତ, ଯେ ଖାଇ ବଂଚିଛି ସେହି ଲୋକ ଭେକ ଭେକ ପାଟି କରୁଛନ୍ତି । ଏସବୁ କଣ ଅକୁହା କଥା ନୁହଁ ?





# ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା



***୩୦ ବର୍ଷ ପରେ ମହିଳା ମାନେ ବିଶେଷକରି ଖାଦ୍ୟ ଯୋଜନା କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ଜରୁରୀ। ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସତେଜ ପନିପରିବା, ଶାଗ, ସ୍ୱାସ୍ଥ୍ୟପାଇଁ ଭଲ। ପୂର୍ବରୁ ଖାଉଥିବା କାର୍ବୋହାଇଡ୍ରେଟର ମାତ୍ରାକୁ କମ୍ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର। ସେହିପରି ସାଚ୍ୟୁରେଟେଡ ଫ୍ୟାଟ ଓ ତେଲ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ।***



ଆଜିର ସମୟରେ କମ୍ ବୟସରେ ମଧୁମେୟ, କର୍କଟ, ହୃଦ୍‌ଘାତ, ମୋଟାପଣ, ଉଚ୍ଚରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢୁଥିବାବେଳେ ବିଶେଷକରି ୩୦ ବର୍ଷ ପରର ଖାଦ୍ୟାଭ୍ୟାସ ସ୍ୱାସ୍ଥ୍ୟ ସଚେତନତା ଏକ ଜରୁରୀ ଚିନ୍ତନ। ବିଶେଷକରି ମହିଳା ମାନଙ୍କ ପାଇଁ ଏହାର ଗୁରୁତ୍ୱ ଅଧିକ ରହିଛି। ୩୦ ବର୍ଷ ପରେ ମହିଳା ମାନେ ବିଶେଷକରି ଖାଦ୍ୟ ଯୋଜନା କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ଜରୁରୀ। ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସତେଜ ପନିପରିବା, ଶାଗ, ସ୍ୱାସ୍ଥ୍ୟପାଇଁ ଭଲ। ପୂର୍ବରୁ ଖାଉଥିବା କାର୍ବୋହାଇଡ୍ରେଟର ମାତ୍ରାକୁ କମ୍ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର। ସେହିପରି ସାଚ୍ୟୁରେଟେଡ ଫ୍ୟାଟ ଓ ତେଲ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ। ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ। ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ। ମିକ୍ସ ଅଟା ଅର୍ଥାତ୍ ମକା, ବାହରା ଓ ଚଣାର ସମିଶ୍ରଣ। ମହିଳା ମାନଙ୍କ ବୟସ ୩୦ ଛୁଇଁବା ପରେ ମିଠା ଭିତରେ ଚିନିକୁ କମ୍ ସ୍ଥାନିତ କରି ବରଂ ଗୁଡ଼ ସ୍ୱାସ୍ଥ୍ୟ ପାଇଁ ଭଲ। ଥଣ୍ଡା ପାନୀୟ ହେଉ ବା ଚକୋଲେଟ ଏଥିରେ ଅଧିକ ପରିମାଣର ମିଠା ରହୁଥିବାରୁ ଶରୀରରେ କ୍ୟାଲୋରୀର ମାତ୍ର ବଢ଼ାଇ ଦିଏ। ଯାହାଦ୍ୱାରା ମଧୁମେହ ଓ କର୍କଟର ସମ୍ଭାବନା ରହିଥାଏ। ମୋଟାପଣ ଓ ହାଡ଼ ସମସ୍ୟା ମହିଳାଙ୍କ ପାଇଁ ଘାତକ ସମସ୍ୟା ସୃଷ୍ଟି କରିଥାଏ। ଏହି ବୟସରେ ଗୃହିଣୀ ହୁଅନ୍ତୁ ବା କର୍ମଜୀବୀ ଏପରିକି ସାଧାରଣ ମହିଳାଙ୍କ ଭିତରେ ଚା କଫିର ମାତ୍ରାଧିକ ବ୍ୟବହାର ବଢ଼ାଇ ଦେଇଥାନ୍ତି। ଏଥିରେ ରହୁଥିବା କ୍ୟାଫିନ୍ କୁପ୍ରଭାବ ପକାଇଥାଏ। ଗ୍ରୀନ ଟି ବା ଲେମନ ଟି ଖୁବ୍ ଭଲ। ମହିଳାମାନେ ଅଧିକ ଚା' ପିଇବା ଦ୍ୱାରା ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ, ବଦ୍‌ହଜମି ଓ ରକ୍ତଚାପକୁ ସାମ୍ନା କରିଥାନ୍ତି। ବାହାର ଖାଦ୍ୟକୁ ଗୁରୁତ୍ୱ ନ ଦେଇ ଘରୋଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ। କାରଣ ତଥାକଥିତ ଫାଷ୍ଟଫୁଡ୍ ବା ଜଙ୍କଫୁଡରେ ଅଧିକ ତେଲ ମସଲା ଓ କେମିକାଲଯୁକ୍ତ ଫ୍ଲେଭର ରହୁଥିବାରୁ ଏହା ଶରୀରରେ କୋଲେଷ୍ଟ୍ରୋରଲର ମାତ୍ରାକୁ ଧିରେ ଧିରେ ବଢ଼ାଇଦିଏ। ମହିଳାମାନେ ଏହି ବୟସରେ ମଇଦା ଠାରୁ ଦୂରେଇବା ଭଲ କାରଣ ଏହା ହଜମ ପାଇଁ ବାଧକ ହୋଇଥାଏ। ମଇଦା ଅପେକ୍ଷା ରୁଟି ଭଲ। ତେବେ ମକା, ବଜରା ଓ ଚଣା ମିଶ୍ରିତ ସମିଶ୍ରିତ ଅଟା ଖାଇବା ଦ୍ୱାରା ମୋଟାପଣ ଓ ମଧୁମେହ ସମସ୍ୟା କମିଯାଏ।

ଆଜିର ସମାଜରେ ଅନେକ ମହିଳା ମଦ୍ୟପାନ ଓ ବିଭିନ୍ନ ନିଶା ସେବନ କରୁଛନ୍ତି। ମାନସିକ ଚାପ, ଚିନ୍ତା, ଅଭାବଗ୍ରସ୍ତତା ଏବଂ ବିଭିନ୍ନ ଅନ୍ୟାନ୍ୟ କାରଣରୁ କେହି କେହି ନିଶାସେବନ କରୁଥିଲେ ଏହା ସେମାନଙ୍କ କିଡ଼ନୀ ଓ ଲିଭରକୁ ବ୍ୟାପକ ଭାବେ କ୍ଷତି ଗ୍ରସ୍ତ କରିଥାଏ। ସେହିପରି ଆମିଷ ଖାଦ୍ୟ ଠାରୁ ଦୂରେଇଲେ ଭଲ। ତେବେ ଏହାକୁ ଖାଇବା ପାଇଁ ଆମେ ମନା କରୁନାହୁଁ କିନ୍ତୁ ମାଂସ ଖୁବ୍ ଗରିଷ୍ଠ ହୋଇଥିବାରୁ ଏବଂ ରେଡ୍‌ମିଟ ଓ ପ୍ରୋସେସ ମିଟ ଅନେକ ମହିଳା ଅଧିକ ଖାଉଥିବାରୁ ଏହା ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇଥାଏ। କିନ୍ତୁ ମାଛ ନିଶ୍ଚିନ୍ତ ଭାବରେ ଭଲ। ଆମିଷ ଠାରୁ ଏ ବୟସରେ ମହିଳାମାନେ ପନିପରିବା, ଫଳମୂଳ ଓ ଡ୍ରାଏଫୁଡ ଖାଇପାରନ୍ତି। ଆମ୍ଭମାନଙ୍କ ଭିତରେ ଏକ ଧାରଣା ରହିଛି କଫିକ୍ରିମ ଖୁବ୍ ସାଧାରଣ ଜିନିଷ କିନ୍ତୁ ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ୍ ଏବଂ ଅଲଟ୍ରାଭାଓଲେଟ ରେଡିଏସନ ବ୍ଲକର ରହିଛି। କଫିକ୍ରିମ ଆମ ଲିଭର ଓ ଟିସୁକୁ ନଷ୍ଟ କରିବାରେ ସହଯୋଗ କରିଥାଏ। ଏହା ଟ୍ରାନ୍ସ ଫ୍ୟାଟ ସହିତ ପ୍ୟାକ କରାଯାଇଥାଏ। ଯେଉଁଥିରେ ହାଇଡ୍ରେଜେନ୍‌ଡ୍ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ୍ ବୟସ୍କଙ୍କ ଠାରେ ସ୍ମୃତିଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ। ସେହିପରି ୩୦ ପରର ମହିଳା ମାନଙ୍କ ଭିତରେ ମୋଟାପଣ ଦେଖିବାକୁ ମିଳିଥାଏ। ଅନେକ ହୁଏତ ଜାଣିନଥାନ୍ତି ଏହା ଆପଣଙ୍କ ଲିଭର ଠିକ୍ ଭାବେ କାମ କରୁନଥିବାର ସଙ୍କେତ ହୋଇପାରେ। ତେଣୁ କୃତ୍ରିମ ମିଠା ଭଳି ବିଷାକ୍ତ ଖାଦ୍ୟ ପଦାର୍ଥ ଠାରୁ ମହିଳାମାନେ ଦୂରେଇ ରହିବା ଭଲ। ବିଶେଷକରି ସୁଗାରଫ୍ରି କ୍ୟାଣ୍ଡି ଓ ସ୍ନାକ୍ସ ଠାରୁ ଦୂରେଇବା ଜରୁରୀ। ଏହା ବ୍ୟତୀତ ମହିଳାମାନେ ଓଜନକୁ ନିଜ ନିୟନ୍ତ୍ରଣରେ ରଖନ୍ତୁ। ୩୦ବର୍ଷ ପରେ ମହିଳାମାନେ ଡାଏଟ୍ ପ୍ଲାନ ପ୍ରତି ଯତ୍ନଶୀଳ ହେବା ଅତ୍ୟନ୍ତ ଜରୁରୀ। ଦିନକୁ ତିନିଥର ମୁଖ୍ୟ ଖାଦ୍ୟ ସହ ଦୁଇଥର ଛୋଟିଆ ହାଲ୍‌କା ଜଳଖିଆ ନେଇପାରନ୍ତି। ତେବେ ଅଧିକାଂଶ ମହିଳା ସକାଳେ ଘରୋଇ କାର୍ଯ୍ୟ ବା ଅନ୍ୟାନ୍ୟ କାର୍ଯ୍ୟ ବାହାନାରେ ଖାଲି ପେଟରେ ରହୁଥିବାରୁ ଏହା ସେମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ତେଣୁ ସକାଳ ଜଳଖିଆ ଅତ୍ୟନ୍ତ ଜରୁରୀ। ଖାଦ୍ୟ ତାଲିକାକୁ ସନ୍ତୁଳନ ରଖି ପ୍ରୋଟିନକୁ ଗୁରୁତ୍ୱ ଦିଅନ୍ତୁ। ଆପଣଙ୍କ କର୍ମବ୍ୟସ୍ତତାକୁ ଦେଖି ସଠିକ୍ ସମୟରେ ନିଦ୍ରା ଯାଆନ୍ତୁ। ଏହି ବୟସରେ ହରମୋନାଲ ପରିବର୍ତ୍ତନ ହେଉଥିବାରୁ ଥାଇରଏଡ୍ ସମସ୍ୟାରୁ ରକ୍ଷା ପାଇବା ପାଇଁ ସତର୍କ ରୁହନ୍ତୁ। କ୍ୟାଲସିୟମ ସ୍ତରକୁ ବଜାୟ ରଖିବା ପାଇଁ ଆପଣଙ୍କ ଖାଇବା ତାଲିକାରେ କ୍ଷୀର ଓ ଆଲମଣ୍ଡକୁ ଗୁରୁତ୍ୱ ଦିଅନ୍ତୁ।

ଷ୍ଟ୍ରେସକୁ ନିୟନ୍ତ୍ରିତ କରିବା ପାଇଁ ଯୋଗ ଓ ବ୍ୟାୟାମ ଖୁବ୍ ଭଲ। ୩୦ବର୍ଷ ପରର ମହିଳା ମାନଙ୍କ ପାଇଁ ପନିର ଦହି, କ୍ଷୀର ଜାତୀୟ ଖାଦ୍ୟକୁ କମ୍ କରି ପାରିଲେ ଭଲ ଏହା ବଦଳରେ ଅଧିକ ଫଳ ଓ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ୩୦ବର୍ଷ ପରର ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟକୁ ନେଇ ଭୟଭୀତ ହେବାର ସେପରି କିଛି କାରଣ ନାହିଁ। କିନ୍ତୁ ଆପଣଙ୍କ ସ୍ୱାସ୍ଥ୍ୟର ସୁନ୍ଦରତା, ସତେଜତା ଓ ସୁସ୍ଥତାକୁ ବଜାୟ ରଖିବା ପାଇଁ ଖାଦ୍ୟ ପ୍ରଣାଳୀର ସଠିକ ପରିମାଣ ଓ ସଠିକ ମାତ୍ରା ଖୁବ୍ ଭଲ। ସରକାରୀ ବ୍ୟବସ୍ଥାରେ ଥିବା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଦେଖିବେ ୩୦ ପରେ ଆପଣଙ୍କ ବୟସ ବଢ଼ିଲେ ମଧ ଆପଣ ସେହିପରି ସୁନ୍ଦର, ଅକ୍ଷୁର୍ଣ୍ଣ ସତେଜତା ସହ ପୂର୍ବପରି ଆପଣଙ୍କ ଭିତରେ କର୍ମଚଞ୍ଚଳତା ଓ ଧାଁ ଧଉଡ ବ୍ୟସ୍ତତା ମଧ୍ୟରେ ଆପଣ ଆପଣଙ୍କ ଶରୀରକୁ ନେଇ ଆଦୌ ଦୁଃଖିତ ହେବେନାହିଁ।



## ଡାଇବେଟିସ୍ ନିୟନ୍ତ୍ରଣ କରେ
# କଖାରୁ ମଂଜି

ପ୍ରାୟ ସମସ୍ତେ କଖାରୁ ମଞ୍ଜିକୁ ଫୋପାଡ଼ି ଦେଇଥା'ନ୍ତି। କିନ୍ତୁ ଆପଣଙ୍କୁ ହୁଏତ ଜଣା ନଥିବ, କଖାରୁ ମଞ୍ଜିରେ ଅନେକ ଔଷଧୀୟ ଗୁଣ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଆମିନୋ ଏସିଡ୍, ଆଇରନ୍ ଓ ପୋଟାସିୟମ୍ ପରି ଅନେକ ପୋଷକ ତତ୍ତ୍ୱ ରହିଛି। କଖାରୁ ମଞ୍ଜି ଶରୀରକୁ ଇନ୍ଫେକ୍ସନ୍ରୁ ଦୂରେଇ ରଖିବା ସହିତ ଆହୁରି ଅନେକ ରାଗରୁ ରକ୍ଷା କରିଥାଏ। ଆସନ୍ତୁ ଜାଣିବା, କଖାରୁ ମଞ୍ଜି ଖାଇଲେ କେଉଁ ସବୁ ଲାଭ ମିଳିଥାଏ। କଖାରୁ ମଞ୍ଜି ରକ୍ତରେ ସୁଗାର୍ର ସ୍ତରକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଭରପୂର ମାତ୍ରାରେ ଫାଇବର୍ ଓ ପ୍ରୋଟିନ୍ ରହିଛି। ଫାଇବର୍ ରକ୍ତରେ ମିଶି ଅଧିକ ସୁଗାରକୁ ଶୋଷଣ କରିଥାଏ। ଫଳରେ ରକ୍ତରେ ସୁଗାରର ସ୍ତର ନିୟନ୍ତ୍ରଣରେ ରହିଥାଏ। ସେଥିପାଇଁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇବା ଉଚିତ୍। ତେବେ ସେମାନେ ଏହା ପୂର୍ବରୁ କୌଣସି ଆୟୁର୍ବେଦିକ ଡାକ୍ତରଙ୍କ ପରାମର୍ଶ ନେଲେ ଭଲ। କ୍ୟାନସର୍ ସେଲର ବୃଦ୍ଧିକୁ ବନ୍ଦ କରିଥାଏ କଖାରୁ ମଞ୍ଜିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଶରୀରରେ ବିକାଶିତ ହେଉଥିବା କ୍ୟାନସର୍ ସେଲ୍ ସହିତ ଲଢ଼େଇ କରିଥାଏ ଓ ସେଗୁଡ଼ିକୁ ବଢ଼ିବାକୁ ଦେଇ ନଥାଏ। କଖାରୁ ମଞ୍ଜିରେ ଥିବା ଆଣ୍ଟି-କ୍ୟାନସର୍ ଗୁଣ ବ୍ରେଷ୍ଟ୍ କ୍ୟାନସର୍କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ବ୍ଲାଡରକୁ ଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ କରାଏ ମୂତ୍ରାଶୟରେ ପ୍ରୋଷ୍ଟେଟ୍ ଗ୍ଲାଣ୍ଡର ବୃଦ୍ଧି ହେଲେ ପୁରୁଷଙ୍କ କ୍ଷେତ୍ରରେ ପରିସ୍ରା ସମସ୍ୟା ଦେଖାଯାଇଥାଏ। କଖାରୁ ମଞ୍ଜି ଖାଇଲେ ଏହି କଷ୍ଟରୁ ମୁକ୍ତି ମିଳେ। ଏହି ମଞ୍ଜିରେ ଥିବା ତେଲ ଅଂଶ ବ୍ଲାଡରର ଫଙ୍କ୍ସନକୁ ଠିକ୍ କାର୍ଯ୍ୟକ୍ଷମ କରାଇବା ସହିତ ପ୍ରୋଷ୍ଟେଟ୍ ଗ୍ଲାଣ୍ଡକୁ ବଢ଼ିବାକୁ ଦେଇ ନଥାଏ। ହୃତପିଣ୍ଡକୁ ସୁସ୍ଥ ରଖିଥାଏ କଖାରୁ ମଞ୍ଜିରେ ଥିବା ତେଲ ଅଂଶ ହୃତପିଣ୍ଡ ପାଇଁ ଭାରି ଭଲ। ଏହା ହୃତପିଣ୍ଡକୁ ସୁସ୍ଥ ରଖିବା ସହିତ ଏହାକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏଥି ସହିତ ଏହା ଶରୀରରେ ନାଇଟ୍ରିକ୍ ଅକସାଇଡ୍ର ସ୍ତରକୁ ବଢ଼ାଇଥାଏ। ନାଇଟ୍ରିକ୍ ଅକସାଇଡର କାର୍ଯ୍ୟ ହେଉଛି, ଏହା ରକ୍ତ ବାହିକାକୁ ପତଳା କରିଥାଏ ଏବଂ ହୃତପିଣ୍ଡକୁ ଠିକ୍ ଭାବରେ ରକ୍ତ ସଞ୍ଚାଳନ କରିଥାଏ।




# ଦେହରେ ନିଆଁ ଲାଗିଗଲେ

ନିଆଁ ବା କୌଣସି ଗରମ ଜିନିଷ ସଂସ୍ପର୍ଶରେ ଆସି ଶରୀରର କୌଣସି ସ୍ଥାନ ପୋଡ଼ି ଯିବା ଏକ ସାଧାରଣ କଥା। ତେବେ ନିଆଁରେ ପୋଡ଼ି ହୋଇ କିମ୍ବା ବିଦ୍ୟୁତ୍ ଆଘାତରେ ଲୋକଙ୍କ ମୃତ୍ୟୁ ବି ଘଟିଥାଏ। ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା'ର ଉପଚାର ଠିକ୍ ସମୟରେ



କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ତା'ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା'ହେଲେ ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ୍ ଏବଂ କ'ଣ ନ କରିବା ଉଚିତ୍। ତେବେ ତା'ପୂର୍ବରୁ ବର୍ଣ୍ଣ ବା ଜଳାପୋଡ଼ା କେତେ ପ୍ରକାରର, ତାହା ଜାଣିବାର ଆବଶ୍ୟକତା ରହିଛି।

- ଫ୍ଲେମ୍ ବର୍ଣ୍ଣ: ଶାଢ଼ୀ ବା ଡ୍ରେସରେ ନିଆଁ ଲାଗିଯିବାରୁ ଶରୀରର କୌଣସି ଅଂଶ ପୋଡ଼ିଯିବା
- ସ୍କାଲ୍ଡ୍ ବର୍ଣ୍ଣ: ଦେହରେ କୌଣସି ଗରମ ଜିନିଷ ପୋଡ଼ିଯିବା, ଯେପରିକି ଗରମ ଡାଲି, କ୍ଷୀର ବା ପିଚୁ
- ଇଲେକ୍ଟ୍ରିକ୍ ବର୍ଣ୍ଣ: ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡ଼ି ହୋଇଯିବା

■ ଯଦି ଫ୍ଲେମ୍ ବର୍ଣ୍ଣ ବା ଆପଣଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଛି, ତେବେ ସଙ୍ଗେ ସଙ୍ଗେ ଯେଉଁ ଶାଢ଼ୀରେ ନିଆଁ ଲାଗିଛି, ତାକୁ କାଢ଼ି ଦିଅନ୍ତୁ। ଦ୍ୱିତୀୟରେ ଯେଉଁ ସ୍ଥାନ ପୋଡ଼ି ହୋଇଛି, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ। ଯେ ପର୍ଯ୍ୟନ୍ତ ଆପଣଙ୍କ ପୋଡ଼ା ନ କମିଛି ସେ ପର୍ଯ୍ୟନ୍ତ ପାଣିରେ ତାକୁ ବୁଡ଼ାଇ ରଖନ୍ତୁ। ତା' ପରେ ଘରେ ଯଦି କୌଣସି ଆ[ସେପ୍ଟିକ୍ ଅଏ[ମେ[ ଅଛି ଲଗାନ୍ତୁ ଓ ଡାକ୍ତରଙ୍କ ପାଖକୁ ଯାଆନ୍ତୁ। ଯଦି ଘରେ କୌଣସି ଆ[ସେପ୍ଟିକ୍ ଅଏ[ମେ[ ନାହିଁ, ତା'ହେଲେ ଗୋଟିଏ ସଫା କପଡ଼ାରେ ପୋଡ଼ା ସ୍ଥାନକୁ ଗୁଡ଼ାଇ ନିକଟସ୍ଥ ଡାକ୍ତରଖାନା ଯାଇ ଡ୍ରେସିଂ କରନ୍ତୁ। ଡ୍ରେସିଂ କରିବା ଦ୍ୱାରା ଆପଣଙ୍କର ପୋଡ଼ା ଘା' ଶୀଘ୍ର ଶୁଖିଥାଏ।

■ ଯଦି ସ୍କାଲ୍ଡ୍ ବର୍ଣ୍ଣ ହେଉଛି ବା ଆପଣଙ୍କ ଦେହରେ କୌଣସି ଗରମ ଜିନିଷ ପୋଡ଼ି ଯାଉଛି, ତା'ହେଲେ ବି ପାଣିର ସାହାଯ୍ୟ ନିଅନ୍ତୁ। ଶରୀର ଯେଉଁ ସ୍ଥାନରେ ଗରମ ଜିନିଷ ପଡୁଥିବ, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ। ପୋଡ଼ିଥିବା ସ୍ଥାନର ଯନ୍ତ୍ରଣା କମିବା ପରେ ପାଣିରୁ ଉକ୍ତ ଅଙ୍ଗକୁ ବାହାର କରନ୍ତୁ ଓ ପାଣିରୁ ବାହାର କରିବା ପରେ ସେଥିରେ ଆ[ସେପ୍ଟିକ୍ ଅଏ[ମେ[ ଲଗାନ୍ତୁ। ଏହା ପରେ ବି ଅଧିକ ପୋଡ଼ାଜଳା ହେଉଥିଲେ ଡାକ୍ତରଙ୍କ ପାଖକୁ ଯାଆନ୍ତୁ।

■ ତୃତୀୟରେ ହେଉଛି ଇଲେକ୍ଟ୍ରିକ୍ ବର୍ଣ୍ଣ ବା ବିଦ୍ୟୁତ୍ ଜନିତ ପୋଡ଼ାଜଳା। ଦୈବାତ୍ କେହି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଲେ ପ୍ରଥମେ ବିଦ୍ୟୁତ୍ ପ୍ରବାହକୁ ବନ୍ଦ କରିବାକୁ ବା ବିଚ୍ଛିନ୍ନ କରିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣଙ୍କ ଆଖପାଖରେ କୌଣସି ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଦେଖନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ହାତ ଲଗାଇ ଭିଡ଼ନ୍ତୁ ନାହିଁ। ଯେକୌଣସି ଶୁଖିଲା କାଠ, ବାଡ଼ି ବା ବାଉଁଶରେ ତାଙ୍କୁ ବିଦ୍ୟୁତ୍ ଠାରୁ ଅଲଗା କରିବାକୁ ଚେଷ୍ଟା କରନ୍ତୁ।

***ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା'ର ଉପଚାର ଠିକ୍ ସମୟରେ କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ତା'ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା'ହେଲେ ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ୍ ଏବଂ କ'ଣ ନ କରିବା ଉଚିତ୍।***



ଏହା ପରେ ଶରୀରର ଯେଉଁ ସ୍ଥାନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା, ସେହି ସ୍ଥାନ ପୋଡ଼ି ଛି କି ନାହିଁ ପ୍ରଥମେ ଦେଖନ୍ତୁ। ଯଦି ପୋଡ଼ିଥିବ, ତା'ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇ ଯାଆନ୍ତୁ। ଇଲେକ୍ଟ୍ରିକ୍ ବର୍ଣ୍ଣରେ ମାଂସପେଶୀ ନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ। କେବଳ ଏତିକି ନୁହେଁ, ଏଥିରେ ହୃଦଘାତ ହେବାର ଆଶଙ୍କା ମଧ ରହିଥାଏ। ଏଥିପାଇଁ ଡାକ୍ତରଖାନାରେ ପ୍ରଥମେ ସେହି ବ୍ୟକ୍ତିଙ୍କର ଇସିଜି କରନ୍ତୁ। ବିଦ୍ୟୁତ୍ ଆଘାତରେ ଶରୀରରେ ମାଂସପେଶୀ ଫୁଲି ଯାଏ। ଏଣୁ ଶରୀରରେ ରକ୍ତ ସଂଚାଳନ ବନ୍ଦ ହୋଇଯାଏ। ଏଥିପାଇଁ ଡାକ୍ତରଙ୍କ କହିବା ଅନୁସାରେ ଏହାର ପ୍ରାଥମିକ ଚିକିତ୍ସା କରନ୍ତୁ।

# ଖାଦ୍ୟ ଠିକ୍ ଭାବେ ହଜମ ହେଉ ନଥିଲେ

ଯଦି ଦିନ ଭିତରେ ଆପଣ ଅନ୍ୟୁନ ଛଅ ଘଣ୍ଟା ନ ଶୋଇଥାନ୍ତି, ତେବେ ଏହା ଏକ ଅନିୟମିତ ଜୀବନରେଖା ବୋଲି ଧରିବାକୁ ହେବ। ପ୍ରାକୃତିକ ଉପାୟରେ ଏହି ସମସ୍ୟାରୁ ମୁକ୍ତ ହୋଇପାରିବେ। ଏଥିପାଇଁ ଆପଣଙ୍କୁ ବ୍ୟାୟାମ କରିବା ଉଚିତ। ସୂର୍ଯ୍ୟ ନମସ୍କାର, କପାଳ ଭାତି, ପବନ ମୁକ୍ତାସନ ଆଦି ଯୋଗାସନ ଏଥିପାଇଁ ସବୁଠାରୁ ଭଲ। ଆଉ ଏକ କଥା ହେଲା ଯେ ଖାଦ୍ୟର ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ। ଏହା ଆପଣଙ୍କ ଉପରେ ନିର୍ଭର କରେ, ଦିନକୁ ତିନିଥର ପେଟ ପୁରା ଭୋଜନ କରି ପାରନ୍ତି, ଅଥବା ୫-୬ ଥର କମ୍ କମ୍ ଖାଦ୍ୟ ଗ୍ରହଣ କରିପାରନ୍ତି। ସେଓ, ଅମୃତଭଣ୍ଡା, କମଳା, ଅଙ୍ଗୁର ଆଦି ଫଳର ହଜମ କ୍ରିୟା ଭଲ ହୋଇଥାଏ। ଭୋଜନରେ ସାଲାଡ୍, ଧନିଆ ପତ୍ର, କଦଳୀ, ବ୍ରୋକଲି ଆଦି ଖାଦ୍ୟ ସାମିଲ କରିଲେ ତାହା ବି ଅଧିକ ଉପଯୋଗୀ ହେବ।



**ଏମିତି ବି ଅନେକ ଅଛନ୍ତି, ଯେଉଁମାନେ କୁହନ୍ତି ଯେ ଖାଇବାକୁ ଇଚ୍ଛା ହେଉନି, ସେମାନଙ୍କୁ ଭୋକ ଲାଗୁନି। ଏକଥା କହୁଥିବା ଲୋକଙ୍କ ଠାରେ ହଜମ କ୍ରିୟା ଜନିତ ସମସ୍ୟା ଅଛି ବୋଲି ଧରିବାକୁ ହେବ। ପ୍ରଥମେ ଜାଣିବାକୁ ହେବ ଯେ କାହିଁକି ଏମିତି ହୁଏ ?**



# ଅସହାୟ ଭିନ୍ନକ୍ଷମ ବୃଦ୍ଧ ଦମ୍ପତିଙ୍କ ଦୁଃଖ ବୁଝିବ କିଏ

## ଜୀବନର ବାର୍ଦ୍ଧକ୍ୟ ସମୟରେ ଘାରିଛି ଭିନ୍ନକ୍ଷମ ଝିଅର ଚିନ୍ତା



ତୁଷୁରା, ୧୯/୨(ନି.ପ୍ର):ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଇଁତଳା ବ୍ଲକ ର କୁଡାସିଂଘା ଗାଁ ର କର୍ଲୁ ତାଣ୍ଡି (୮୦) ଜଣେ ଭିନ୍ନକ୍ଷମ ସହିତ ନିଜ ସ୍ତ୍ରୀ ଭିନ୍ନକ୍ଷମ ଏବଂ ତାଙ୍କ ଝିଅ ମଧ ଭିନ୍ନକ୍ଷମ ଅଟନ୍ତି କିନ୍ତୁ ପ୍ରଶାସନ କରୁଛି ଉପହାସ ।ମିଳିଥିବା ସୂଚନା ଅନୁସାରେ କୁଡାସିଂଘା ଗ୍ରାମର କର୍ଲୁ ତାଣ୍ଡି ବୟସ ୮୦ ଏବଂ ତାଙ୍କ ସ୍ତ୍ରୀ ପୂର୍ଣ୍ଣ ତାଣ୍ଡି ବୟସ ୭୪ ଙ୍କ ଭିନ୍ନକ୍ଷମ ଝିଅ ଅଳକା ତାଣ୍ଡି (୩୮) ଅସହାୟ ଅବସ୍ଥାରେ ଏହି ଭିନ୍ନକ୍ଷମ ପରିବାର ପଡ଼ି ରହିଛନ୍ତି ।ପରିବାର ସମ୍ଭାଳିବାକୁ କେହି ନଥିବା ବେଳେ କେବଳ ଭତ୍ତା ୧୦୦୦ ଟଙ୍କା ଓ ଚାଉଳ ୫ କେଜି ରେ ଏହି ପରିବାର ଚଳିବା କଷ୍ଟକର ହୋଇ ପଡୁଛି । ତେଣୁକରି ସେମାନେ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ସହିତ ଚାଉଳ ପରିମାଣ ବୃଦ୍ଧି କରିବାକୁ ଓ ଏବଂ ଆବାସ ଘର ଖଣ୍ଡେ ଦେବାକୁ ଅନେକ ଥର ତାଙ୍କ ପଞ୍ଚାୟତ ଏବଂ ବ୍ଲକ କୁ ଧାଇଁ ନୟାନ୍ତ ହୋଇପଡିଛନ୍ତି। ଫଳରେ ଶନିବାର ଦିନ ବଲାଙ୍ଗୀର ଜିଲ୍ଲାପାଳ ଙ୍କୁ ଭେଟି ନିଜର ଦୁଃଖ ଜଣାଇବାକୁ ପରିବାର ର ସମସ୍ତେ ଜିଲ୍ଲାପାଳ ଅଫିସ କୁ ଗୁରୁଣ୍ଡି ଗୁରୁଣ୍ଡି ଆସିଛନ୍ତି ଏବଂ ସେଠାରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ। ଏବଂ ସାମ୍ବାଦିକ ମାନଙ୍କୁ ପ୍ରତିକ୍ରିୟା ଦେଇଥିଲେ। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଭିନ୍ନକ୍ଷମ ପରିବାର ଙ୍କ ନ୍ୟାର୍ଯ୍ୟ ଦାବିକୁ ପୂରଣ କରିବା ପାଇଁ 'ସେବା ଫର ଡିଜାବ୍ଲିଟି' ସଂଘ ତରଫରୁ ଦାବି କରାଯାଇଛି।

# ବେଆଇନ ଚୋରା ପଥର ଚାଲାଣ ସମୟରେ ପୋଲିସ ଦ୍ୱାରା ଜବତ

ବାସୁଦେବପୁର, ୧୯/୨(ନି.ପ୍ର):ବର୍ତ୍ତମାନ ସମୟରେ ପାହାଡ ବ୍ଲାଷ୍ଟିଂକୁ ସରକାର ପକ୍ଷରୁ ଅନୁମତି ଦିଆଯାଇ ନ ଥିବା ବେଳେ ବାଲେଶ୍ୱର ଅଞ୍ଚଳ ର କେତେକ ପଥର ମାଫିଆ ବେଆଇନ ଭାବେ ପାହାଡ଼ ରେ ବ୍ଲାଷ୍ଟିଂ କରି ଚୋରା ପଥର ଚାଲାଣ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସୋରୋ ବାଗୁଡି ଅଞ୍ଚଳରୁ ବେଆଇନ ଭାବରେ ପାହାଡ ଫଟାଇ ଚୋରା ପଥର ଧାମରା ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ବାସୁଦେବପୁର ଧାମରା ରାସ୍ତାର କଷ୍ଟପୁର ନିକଟରେ OD-01X-2899 ନମ୍ବର ବିଶିଷ୍ଟ ଏକ ଡମ୍ଫରକୁ ନାୟକାଣିଡିହି ପୋଲିସ ଫେବୃଆରୀ ୧୧ ତାରିଖ ରେ ଧରିଥିଲା। ଉକ୍ତ ଡମ୍ଫର ଡ୍ରାଇଭର ନକଲି କାଗଜ ପତ୍ରରେ ଦେଖାଇ ଚୋରା ପଥର ଚାଲାଣ କରୁଥିବା ସମୟରେ ଡମ୍ଫର କୁ ମାଡି ବସିଲା ପୋଲିସ! ଏକ ନକଲି ଚାଲାଣରେ ୪୦ମି.ମି ପଥର ଚାଲାଣ ଲେଖାଥିବା ଦସ୍ତାବିଜ ଦେଖିବା ସହ ଯାଞ୍ଚ ପରେ ଦେଖିବାକୁ ପାଇଥିଲେ କି ଉକ୍ତ ଗାଡିରେ ବେଆଇନ ପଥର ଚୋରା ଚାଲାଣ ହେଉଛି ।ଡମ୍ଫରଟିକୁ ପୋଲିସ ଜବତ କରିବା ସହ ମାଇନିଂ ଡିପର୍ଟମେଣ୍ଟକୁ ପଠାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ସାଲଖାନ ମୁର୍ମୁ!ପ୍ରତିଦିନ ସୋର ଅଞ୍ଚଳରୁ ବାସୁଦେବପୁର ଓ ଧାମରା କୁ ବେଆଇନ ପଥର ଚାଲାଣ ହେଉଥିବା ବେଳେ ତହସିଲ ବିଭାଗ,ଖଣି ବିଭାଗର ନିଷ୍କ୍ରିୟତାକୁ ନେଇ ଉଠିଛି ପ୍ରଶ୍ନ ।

# ଉଦଘାଟନ ହେଲା ନିଆଳୀ ମହୋତ୍ସବ ୨୦୨୫

ନିଆଳୀ,୧୯/୨(ନି.ପ୍ର): ନିଆଳୀ ମହୋତ୍ସବ ୨୦୨୫କୁ ସାଂସଦ ରାଜ୍ୟସଭା ଦେବାଶିଷ ସାମନ୍ତରାୟ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ମହୋତ୍ସବର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଫେସର ଡ଼ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ସଭାପତି ରବୀନ୍ଦ୍ର ମଲ୍ଲିକ,ପଞ୍ଚାୟତ ସମିତି ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ,ନିଆଳୀ ସରପଞ୍ଚ ଶ୍ରୀମତୀ ବବିତା ରାଣୀ ବେହେରା ଏବଂ ପ୍ରେସ କ୍ଲବ ର ସଭାପତି ମନୋରଞ୍ଜନ ଶତପଥୀ ପ୍ରମୁଖ ଯୋଗ ଦେଇ ନିଆଳୀ ମହୋତ୍ସବ ର ଇତିହାସ ଉପରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ କୁ ଭାରତୀୟ ଜନତା ପାର୍ଟି ର ରାଜ୍ୟ ପ୍ରବକ୍ତା ତଥା ନିଆଳୀ ନେତା ସମାଜସେବୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରେସ କ୍ଲବ ର ସମ୍ପାଦକ ଅକ୍ଷୟ କୁମାର ସେନାପତି ପୁଲବାମା ବୋମା ଶହୀଦ ହୋଇଥିବା ପରିବାର ର ସଦସ୍ୟ ମାନଙ୍କୁ ସମ୍ମାନିତ କରିଥିଲେ ଏବଂ ଶେଷ ରେ ଝଙ୍କଡ଼ ର ରଣପା ନୃତ୍ୟ ଏବଂ ଦେଶାତ୍ମକ ସଂଗୀତ ପରିବେଷଣ କରିଥିଲେ ।

# ମହାକୁମ୍ଭରେ ବୁଡ଼ ପକାଇବାକୁ ଯାଇ, ୪୦ ଘଣ୍ଟା ପରେ ଟ୍ରାଫିକ ଯନ୍ତ୍ରଣାରୁ ବର୍ତ୍ତିଲେ ଶ୍ରଦ୍ଧାଳୁ

ବସ୍ତା ୧୯/୨(ନି.ପ୍ର):ଜଳେଶ୍ୱର ଅଞ୍ଚଳରୁ ପ୍ରାୟାଗରାଜ କୁମ୍ଭ ମେଳାରେ ବୁଡ଼ ପକାଇବାକୁ ଯାଇ ,ଅଯୋଧ୍ୟା ଜିଲ୍ଲା ସୁଲତାନପୁର – ବିକାପୁର ନିକଟରେ ଟ୍ରାଫିକ ଜାମରେ ୪୦ ଘଣ୍ଟା ରୁ ଉର୍ଦ୍ଧ୍ୱ ହେବ ଭୋକ,ଉପବାସ ସାଙ୍ଗକୁ ଅଣନିଃଶ୍ୱାସୀ ହୋଇ ୭୦ ତୀର୍ଥ ଯାତ୍ରୀ ଗୁରୁତର ଅବସ୍ଥାରେ ଫସି ରହିଥିଲେ। ତେବେ ସେମାନଙ୍କୁ ଉଦ୍ଧାର ଓ ସହାୟତା ଯୋଗାଇ ଦେବା ପାଇଁ ସୁସିଆଲ ମିଡ଼ିଆ ମାଧ୍ୟମରେ ନିବେଦନ କରିଥିଲେ। ଏନେଇ ସମାଜ ସେବୀ ତଥା ସାମ୍ବାଦିକ ଅଜିତ କୁମାର ସାହୁ ଉଭୟ ଜଳେଶ୍ୱର ଓ ବସ୍ତା ତହସିଲଦାର, ଜିଲ୍ଲା ପରିବହନ ଅଧିକାରୀ,ବାଲେଶ୍ୱର ଜିଲ୍ଲାପାଳ ମୟୂର ବିକାଶ ସୂର୍ଯ୍ୟବଂଶୀ ସମେତ ମୁଖ୍ୟଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କୁ ସମସ୍ୟା ବାବଦରେ ଅବଗତ କରାଇ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀ ସମସ୍ୟାକୁ ଗୁରୁତର ସହିତ ଗ୍ରହଣ କରି ଉତ୍ତର ପ୍ରଦେଶ ସରକାର ଓ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଯାହାଦ୍ୱାରା ତୁରନ୍ତ ଟ୍ରାଫିକ ସମସ୍ୟାର ସମାଧାନ ହେବ ସହିତ, ଅଟକିରହିଥିବା ଥିବା ତୀର୍ଥ ଯାତ୍ରୀ ବସ ଟି ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିଥିଲା। ଏନେଇ ଯୁବ ସାମ୍ବାଦିକ ଅଜିତ୍ ସାହୁ, ଓ ଫସି ରହିଥିବା ଯାତ୍ରୀ ମାନେ ଓଡ଼ିଶା ସରକାର, ଉତ୍ତର ପ୍ରଦେଶ ସରକାର ସହିତ ଉଭୟ ରାଜ୍ୟର ପ୍ରଶାଶନିକ ଅଧିକାରୀଙ୍କୁ ଧନ୍ୟବାଦ୍ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବାହାର ମିଲକୁ ଯାଇ ନପାରି ପଦାରେ ପଡ଼ିଛି ୩୬୨୬୩ କ୍ୟୁଣ୍ଟାଲ ଧାନ



ଧାମନଗର,୧୯/୨(ନି.ପ୍ର):ସରକାରୀ ଧାନ ମଣ୍ଡି ଖୋଲିବା ପରେ ଧାମନଗର ବ୍ଲକ ଅଞ୍ଚଳରେ ଥିବା ୧୨ ଟି ସମିତି ଓ ୩ ଟି ଏସଏଚଜି ରେ ଧାନ କିଣା ଆରମ୍ଭ ହୋଇଥିଲା। ସେଥିରେ ୬୨୮୪ ଜଣ ଚାଷୀ ଧାନ ଦେବାକୁ ପଞ୍ଜୀକୃତ କରି ୧୭୮୧୯୧ କ୍ୟୁଣ୍ଟାଲ ଧାନ ଦେବାକୁ ଥିବା ବେଳେ ସେଥିରୁ ୩୬୯୯ ଜଣ ୧୩୬୯୧୩ କ୍ୟୁଣ୍ଟାଲ ଧାନ ଦେଇଛନ୍ତି ।ମାତ୍ର ଲୋକାଲ ମିଲ ମାନଙ୍କରେ ଟାର୍ଗେଟ ଅନୁସାରେ ଧାନ କ୍ରୟ ସୀମା ପାର ହୋଇ ଯାଇଥିବାରୁ ସେମାନେ ମଣ୍ଡିରୁ ଧାନ ଉଠାଇ ପାରୁ ନାହାଁନ୍ତି। ଏପରି ସ୍ଥଳେ ପୂର୍ବ ବର୍ଷ ଭଳି ସରକାର ବାହାର ଜିଲ୍ଲାର ମିଲକୁ ଧାନ ବିକ୍ରିପାଇଁ ଅନୁମତି ଦେଇଛନ୍ତି। ମାତ୍ର ବାହାର ଗାଡ଼ିକୁ ଅନୁମତି ପ୍ରଦାନ କରିନାହାନ୍ତି। ଯାହା ଫଳରେ ଧାନ ନେବାକୁ ଲୋକାଲ ଗାଡ଼ି ଉପଲବ୍ଧ ହେଉନଥିବାରୁ ସମିତି ଆଗରେ ହଜାର ହଜାର କ୍ୟୁଣ୍ଟାଲ ଧାନ ଖରା କାକରରେ ପଡ଼ି ରହିଛି। ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ସେବା ସମବାୟ ସମିତି ଆଗରେ ୪ ହଜାର କ୍ୟୁଣ୍ଟାଲ, ଶ୍ରୀ ଜଗନ୍ନାଥ ସମିତି ଆଗରେ ୩ ହଜାର କ୍ୟୁଣ୍ଟାଲ, ବରଗଡ଼ା ଆଗରେ ୧ ହଜାର ସହ ଆଜି ତାରିଖ ଯାଏ ଅନ୍ୟ ସମିତି ଧାନକୁ ମିଶାଇ ଖରା ଓ କାକରରେ ପଡ଼ିରହିଛି ୩୬୨୬୩ କ୍ୟୁଣ୍ଟାଲ ଧାନ। ଆଜି ସୁଦ୍ଧା ୫୮ ଶତକଡ଼ା ପଞ୍ଜୀକୃତ ଚାଷୀ ଧାନ ଦେଇଥିବା ବେଳେ ଆଉ ୪୨ ଶତକଡ଼ା ଚାଷୀ ଧାନ ଦେଇପାରି ନାହାଁନ୍ତି। ଆଜିସୁଦ୍ଧା ମଣ୍ଡିରୁ ୧୦୦୬୫୦ କ୍ୟୁଣ୍ଟାଲ ଧାନ ମିଲକୁ ଉଠିଛି। ବାକି ଧାନ ମଣ୍ଡିରୁ ନଉଠିବା ଫଳରେ ସମିତି ଗୁଡ଼ିକ ଧାନ ନେବାକୁ ଅନିଚ୍ଛା ପ୍ରକାଶ କରୁଥିବା ହେତୁ ଟୋକନ ଅବଧି ସରିଯିବା ଭୟରେ ଚାଷୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଭଳି ସମସ୍ୟାର ସମାଧାନ ପାଇଁ ସରକାର ବାହାର ଜିଲ୍ଲାକୁ ଧାନ ଚାଲାଣ ପାଇଁ ପଡ଼ୋଶୀ ରାଜ୍ୟର ଗାଡ଼ିକୁ ପରିବହନ ଅନୁମତି ପ୍ରଦାନ କରିବାକୁ ଚାଷୀଙ୍କ ମହଲରୁ ଦାବି ହେଉଛି।

# କାହା କୃପାରେ କୃପାଳୁ ଧାନ ମିଲ ଚାଷୀଙ୍କୁ ଶୋଷୁଛି ?




କୋରେଇ,୧୯/୨(ନି.ପ୍ର): କୋରେଇ ବ୍ଲକ ଏକ ଧାନ ଚାଷ ଉପରେ ନିର୍ଭର କରୁଥିବା ବ୍ଲକ ଭାବରେ ଜିଲ୍ଲାରେ ଜଣାଯାଏ ।ରାଜ୍ୟର ନୂତନ ସରକାର ଧାନ ର ମୂଲ୍ୟ ୩୧୦୦ ଟଙ୍କା କରିବା ପରେ ଚାଷୀ ମାନେ ବେଶ ଖୁସି ଅଛନ୍ତି ।କିନ୍ତୁ ଦୁଃଖର ବିଷୟ ଉତ୍ପାଦିତ ଧାନ ସମବାୟ ସମିତି ରେ ଦେବା ପାଇଁ ସରକାର ଯେଉଁ ନିୟମ କରିଛନ୍ତି ତାକୁ କୋରେଇ ର କୌଣସି ସମବାୟ ସମିତି ମନୁନଥିବ ଦେଖିବାକୁ ମିଳୁଛି ।କୋରେଇ ବ୍ଲକ ରେ ୩ ଟି ଧାନ ମିଲ ଥିବାବେଳେ ସମବାୟ ସମିତି କେବଳ ଟୁକନ୍ ଧରାଇଦେଇ ଚାଷୀଙ୍କୁ ମିଲ ରେ ଧାନ ଦେବାକୁ ବାଧ କରୁଥିବା ଅଭିଯୋଗ ହେଉଛି ।ମିଲ ଗୁଡ଼ିକୁ ଚାଷୀ ଧାନ ନେଇ ଗଲାବେଳକୁ ଧାନ ଅନଲୋଡ ହେବା ପାଇଁ ୪ ରୁ ୫ ଦିନ ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି ।ବିଶେଷ କରି ଯେଉଁ ଚାଷୀ ଟି କୃପାଳୁ ମିଲ କୁ ଧାନ ନେଇ ଯାଉଛି ଏକାଧିକ ଦିନ ଅପେକ୍ଷା କରି ଗାଡ଼ି ମାଲିକଙ୍କୁ ଅଯଥା ଟଙ୍କା ଗଣୁଥିବା ବେଳେ ମିଲ ରେ ବିଭିନ୍ନ ପ୍ରକାର ଆଳ ଦେଖାଇ ଏକ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି କାଟୁଥିବା ଅଭିଯୋଗ ହେଉଛି ।ଏହି ଧାନ କାଟିବା ପଛରେ କୁଆଡେ ମିଲ ମାନଙ୍କ ସହ କୋରେଇ ବ୍ଲକର ସି ଓ ପ୍ରଶାନ୍ତ କର ମୋଟା ଅଙ୍କରେ ହାତଗୁଞ୍ଜି ନେଇ ଚାଷୀଙ୍କୁ ଲୁଟୁଥିବା ଆଲୋଚନା ହେଉଛି ।ଯଦି ଚାଷୀଙ୍କ ସୁରକ୍ଷା ସୁବିଧା ପାଇଁ ରହିଥିବା ସରକାରୀ ବାବୁ ଅସାଧୁ ମିଲର ଙ୍କ ସହ ମିଶି ମାସ ମାସ ଧରି ଝାଳ ବୁହାହି ଧାନ ଚଷିକୁ ଲୁଟିବେ କିଏ ଚାଷୀଙ୍କୁ ସାହା ହେବ ତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।ଏହି କୃପାଳୁ ମିଲ ନାମ ରେ ଜବର୍ ଦଖଲ ଚାଷ ଜମିକୁ ଦୂଷିତ ଜଳ ଛାଡ଼ିବା ମିଲ ରୁ ନିର୍ଗତ କୁଣ୍ଡା ଦ୍ୱାରା ଜାତୀୟ ରାଜପଥରେ ଯାତାୟାତ ରେ ପଥଚାରି ରେ ଅନେକ ଅସୁବିଧା ଭୋଗୁଥିଲେ ମଧ ବ୍ୟାସନଗର ତହସିଲ ଓ ପ୍ରଦୂଷ ବିଭାଗ ମଧ ହାତ ବାନ୍ଧି ବସିଛି। ଖୋଦ୍ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଙ୍କ ପଡୋଶୀ ନିର୍ବାଚନ ମଣ୍ଡଳୀ କୋରେଇ ହୋଇଥିବା ବେଳେ ଦୁର୍ନୀତି ଖୋର୍ ଅଫିସର ଶ୍ରୀ କରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ କୃପାଳୁ ଧାନ ମିଲ ଉପରେ ତଦନ୍ତ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ଚାଷୀମାନେ ଦାବୀ କରିଛନ୍ତି।

# ବିରନରସିଂହପୁରରେ ଦିନିକିଆ କୃଷକ ସଚେତନତା କର୍ମଶାଳା

## ସରକାରଙ୍କ ବିଭିନ୍ନ ସୁଫଳ ଯୋଜନା ଲୋକଙ୍କ ପାଖରେ ପହଂଚିବ



ବୌଦ୍ଧ,୧୯/୨(ନି.ପ୍ର):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର ସ୍ଥିତ ସ୍ଥାନୀୟ ବନ ବିଭାଗ ନର୍ସରୀ ଠାରେ ଏକ ଦିନିକିଆ ବ୍ଲକ ସ୍ତରୀୟ କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଯୋଗେନ୍ଦ୍ର ମହାପାତ୍ର, NHRDF ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, କୃଷି ବୈଜ୍ଞାନିକ ସସ୍ମିତା ପାଳ,ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ଦାସ,ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁତି ମହାପାତ୍ର, କୃଷି ଅଧିକାରୀ ସବ୍ୟସାଚୀ ଦାସ ସହକାରୀ ଉଦ୍ୟାନ ଅଧିକାରୀ ଜ୍ଞାନ ରଞ୍ଜନ ଦିଗାଲ, ସହକାରୀ ମତ୍ସ୍ୟ ଅଧିକାରୀ ରାକେଶ ସ୍ୱାଇଁଙ୍କ ସହିତ ବ୍ଲକ ର ସମସ୍ତ SHG ଗ୍ରୁପ, MBK, କୃଷି ମିତ୍ର, ଓ ଅଗ୍ରଣୀ କୃଷକ ମାନେ ଯୋଗ ଦେଇଥିଲେ ।ଆଗାମୀ ଦିନରେ କୃଷି କ୍ଷେତ୍ର ପାଇଁ ସରକାର ଙ୍କ ବିଭିନ୍ନ ଯୋଜନା ଗୁଡ଼ିକ କିପରି ଲୋକ ମାନଙ୍କ ପାଖରେ ପହଞ୍ଚି ପାରିବ ଓ ସେ ଗୁଡ଼ିକ କିପରି କାର୍ଯ୍ୟକାରି ହବ ତାହା ଉପରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ସହିତ ଅଧିକାରୀମାନେ ଆଲୋଚନା କରିଥିଲେ।

# ଟ୍ରକକ ଧକ୍କାରେ ୩ ଗୁରୁତ୍ୱର

ବସ୍ତା, ୧୯/୨(ନି.ପ୍ର): ବାଲେଶ୍ୱର ଜିଲ୍ଲା ରୂପସା ଥାନା ୬୦ ନମ୍ବର ଜାତୀୟ ରାଜପଥର ମିରିଗୀମୁଣ୍ଡି ଛକ ନିକଟରେ ଟ୍ରକକୁ ପଛ ପଟୁ ଧକ୍କା ଦେଲା ଟ୍ରକ ତିନି ଜଣ ଗୁରୁତର। ବାଲେଶ୍ୱର ମେଡିକାଲ ସ୍ଥାନାନ୍ତର। ସୂଚନା ଅନୁସାରେ ଶନିବାର ସକାଳ ୭.୩୦ ଘଟିକା ସମୟରେ ଡବ୍ଲୁ ୨୯ ବି ୭୪୦୦ ଟ୍ରକରେ କାଠ ଗଣ୍ଡି ଲୋଡ ହୋଇ ଯାଉଥିବା ବେଳେ ପଛ ପଟୁ ଓଡ଼ି ୦୫ ବିକେ ୯୨୧୬ କାଜୁ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ପଛ ଗାଡ଼ି ରେ ଥିବା ଦୁଇ ଜଣ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ଖବର ପାଇ ବସ୍ତା ଦମକଳ ବାହିନୀ,ରାଜପଥ କତୃପକ୍ଷ, ରୂପସା ପୋଲିସ ପହଞ୍ଚି କଟର ଦ୍ୱାରା ଗାଡ଼ିକୁ କାଟି ତିନି ଜଣ ଲୋକଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲକୁ ପଠାଇ ଥିବା ଜଣାପଡିଛି।

# ଫେବୃୟାରୀ ୧୪କୁ କଳାଦିବସ ପାଳନ କଲେ ଯୁବଗୋଷ୍ଠୀ




ବାସୁଦେବପୁର, ୧୯/୨(ନି.ପ୍ର):ସାରା ବିଶ୍ୱରେ ଯୁବକ ଓ ଯୁବତୀ ମାନେ ଫେବୃଆରୀ ୧୪ ତାରିଖ କୁ ପ୍ରମର ପ୍ରତୀକ ଦିବସ ବା ଭାଲେନଟାଇନ୍ ଡେ ପାଳନ କରୁଥିବା ସମୟରେ ଭଦ୍ରକ ଜିଲ୍ଲା ବାସୁଦେବପୁରର କେତେକ ଯୁବକ କଳା ଦିବସ ରୂପରେ ପାଳନ କରିଛନ୍ତି। ୨୦୧୯ ମସିହାରେ ପୁଲୁଆମା ରେ ହୋଇଥିବା ସେହି ଲୋମହର୍ଷଣକାରୀ ଘଟଣା ରେ ୪୫ ଜଣ ଭାରତୀୟ ବୀର ଯବାନଙ୍କ ବଳିଦାନକୁ ଆଜି ସାରା ଦେଶ ମନେ ପକାଇଛି। ସାରା ଦେଶ ଫେବୃୟାରୀ ୧୪ ତାରିଖ କୁ କଳା ଦିବସ ଭାବରେ ପାଳନ କରୁଅଛି। ଏହାର ପ୍ରଭାବ ଭଦ୍ରକ ଜିଲ୍ଲା ବାସୁଦେବପୁର ରେ ମଧ୍ୟ ଦେଖିବାକୁ ମିଳିଛି। ଏହି ବଳିଦାନ ଦିବସକୁ ସ୍ମରଣ କରି ସୌର୍ଯ୍ୟବୀର ଏକାଡେମୀ ର ଛାତ୍ରମାନେ ଏକ ମହମବତୀ ଶୋଭାଯାତ୍ରାରେ ନିକଟସ୍ଥ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରୁ ବାହାରି ବଜାର ପରିକ୍ରମା କରିଥିଲେ। ବୀର ଯବାନଙ୍କ ଉଦ୍ଦେଶ୍ୟ ରେ ବିଭିନ୍ନ ନାରାବାଜି କରିଥିଲେ। ଭାରତୀୟ ଭାବରେ ସେମାନଙ୍କର ଏହି ପରି ମହାନତାକୁ ସମସ୍ତେ ପ୍ରଶଂସା କରିଛନ୍ତି। ଅନ୍ୟ ପକ୍ଷରେ କେତେକ କୁସଂସ୍କାରୀ ଯୁବ ପୀଢ଼ି ଫେବୃୟାରୀ ୧୪ ତାରିଖ କୁ ଭାଲେନଟାଇନ୍ ଦିବସ ଭାବରେ ପାଳନ କରିବା ସହିତ ନିଜ ସଂସ୍କୃତିକୁ ମଧ୍ୟ ଭୁଲି ଯାଉଛନ୍ତି। ଯାହାକୁ ଦେଖି ପରପୀଢ଼ି ପଥ ଭ୍ରଷ୍ଟ ହେବାର ଦେଖିବାକୁ ମିଳୁଛି।

# ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି







କ ନୂଆଗାଁ,୧୯/୨(ନି.ପ୍ର): କନ୍ଧମାଳ ଜିଲ୍ଲା ଅନ୍ତର୍ଗତକ ନୂଆଗାଁ ବ୍ଲକର ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ କଟାବାଲି, କପୁଗୁଡା, ମାହାଗୁଡା,ବରସାହିର ଗ୍ରାମ ବାସୀ ଦାବି। ଏହି କ୍ଷେତ୍ରରେ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ଗାଁ ଭିତରକୁ ଯାଇଥିବା ରାସ୍ତା ସାଜିଛି ମରଣଯନ୍ତା ଖାଲଖମା ହେଇ ଏତେ କଦର୍ଯ୍ୟ ହେଇଛି କହିବା ନ ଭଲ। ଗାଁକୁ ଯିବା ପାଇଁ ସ୍ଥାୟୀ ରାସ୍ତା ଟିଏ ନାହିଁ । ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ସାହି ରାସ୍ତା ଯିବାକୁ ହେଲେ ଗଣ୍ଡା ଗଣ୍ଡା ପର୍ବତ ପାହାଡ଼ ଦେଇ ଉପର କଙ୍ଗେରିକିଆ ପର୍ଯ୍ୟନ୍ତ ମାତ୍ର ତିନି କିମ୍ବା ଚାରି କିଲୋମିଟର କିଲୋମିଟର ରାସ୍ତା ସାଜିଛି ମରଣଯନ୍ତା । ଅଞ୍ଚଳ ବାସୀ ଯିବାକୁ ହେଲେ ମାଟି ଖାଲଖମା ରାସ୍ତା ଦେଇ ଯିବାକୁ ପଡୁଥିବା ଗ୍ରାମ ବାସୀ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ଅଭିଯୋଗ କରିଥିବା ୧୨୦ ପରିବାର ରୁ ଉର୍ଦ୍ଧ ଥିବା ବେଳେ ଜନସଂଖ୍ୟା ୭୫୦ ରୁ ଉର୍ଦ୍ଧ ରହିଥିବା ଜଣାପଡିଛି। ଏହି ଗାଁ ସାହିକୁ ଯିବାକୁ ହେଲେ ପାଦରେ ଚାଲିକି ଯିବାକୁ ପଡୁଥାଏ । ଖରା ଦିନେ ଯିବା କିଛି ମାତ୍ରା ଠିକ୍ ଥିବା ବେଳେ ବର୍ଷା ଦିନେ ଖାଲଖମା କାଦୁଆ ରାସ୍ତା ଦେଇ ଯାଉଥିବା ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ସାହି କୁ ରାସ୍ତା ପାଇଁ ଗ୍ରାମ ବାସୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଥିଲ ମଧ କେହି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି କହିଛନ୍ତି ଗ୍ରାମ ବାସୀ। ଏଣୁ ୪ ଖଣ୍ଡ ଗ୍ରାମ କ ନୂଆଗାଁ ପ୍ରଶାସନର ସାବତ ଗାଁ ବୋଲି ଜିଲ୍ଲା ମହଲରେ ଚର୍ଚ୍ଚାର ବିଷୟ ଆଲୋଚନା ହେଉଥିବା ବେଳେ ସରକାରୀ ଦରମା ଶ୍ରେଣୀ ଜିଲ୍ଲା ପାଳ ହେଉ କିମ୍ବା ବ୍ଲକ ବିଡ଼ିଓ ହେଉ ଏମାନଙ୍କର ଖାମଖିଆଲି ଅଖିଆଲି ଇଛା ଶକ୍ତି ମନୋଭାବ ଓ ଅପରାଗତା କୁ ଜିଲ୍ଲା ମହଲରେ ନିନ୍ଦା କରାଯାଇ ଏକ ପ୍ରଶ୍ନବାଚି ସୃଷ୍ଟି ହେଇଛି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ଗାଁ ଭିତରକୁ ଯାଇଥିବା ରାସ୍ତା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ ଭମର ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ ,ବିରୁପାକ୍ଷ ପ୍ରଧାନ,ଚୌଧୁରୀ ବିଜୟ ପ୍ରଧାନ ,ଟଙ୍କ ପ୍ରଧାନ, ମନୋଜ ପ୍ରଧାନ, ନିକଲାସ୍ ପ୍ରଧାନ, ବ୍ରହ୍ମା ଯୁବରାଜ ଭୀମରାଜ ମଲିକ,ରବିକିରଣ ପ୍ରଧାନ,ବିମଳ ପ୍ରଧାନ ଗନ୍ଧର୍ବ ପ୍ରଧାନ ଗୌର ବିନ୍ଧାଣୀ, ହେମନ୍ତ ଦିଗାଲ ନରେଶ ବେହେରା ଗ୍ରାମ ବାସୀ ଦାବି କରିବା ସହିତ ଦାବି ପୂରଣ ନହେଲେ ଆଗାମୀ କିଛି ଦିନ ଭିତରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ୪ ଖଣ୍ଡ ଗ୍ରାମ ବାସୀ। ଏଣୁ କ ନୂଆଗାଁ ବ୍ଲକ ପ୍ରଶାସନ ଏହି ୪ ଖଣ୍ଡ ଗ୍ରାମ କୁ ରାସ୍ତା ନିର୍ମାଣ କାର୍ଯ୍ୟ କରିଦେବେ ବୋଲି ଆମେ ୪ ଖଣ୍ଡ ଗ୍ରାମ ବାସୀ ଆଶା ଓ ବିଶ୍ୱାସ ରଖିଛୁ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପିତୃମାତୃ ପୂଜନ ଦିବସ ପାଳିତ




ଫୁଲବାଣୀ,୧୯/୨(ନି.ପ୍ର):ଫୁଲବାଣୀ ମାଆ ନାରାୟଣୀଙ୍କ ସଭାଗୃହରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପିତୃମାତୃ ପୂଜନ ଦିବସ ପାଳିତ ହୋଇଯାଇଛି ।କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବରିଷ୍ଠ ନାଗରିକ ନବୀନ କିଶୋର ପଣ୍ଡା, ଅମୀୟ ଦାସ, ବଂଶୀଧର ପଣ୍ଡା,ପିତାମ୍ବର ମିଶ୍ର,ନବ କିଶୋର ରଥ,ଅନନ୍ତ ଚରଣ ମିଶ୍ର ପ୍ରମୁଖ ପିତାମାତା ,ଜେଜେ ଓ ଜେଜେମାଙ୍କ ତ୍ୟାଗ ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଗୁରୁଜନମାନଙ୍କୁ କିଭଳି ଭକ୍ତି ଆଦର ଓ ସ୍ନେହପୂର୍ଣ୍ଣ କଥାବାର୍ତ୍ତା ଓ ବ୍ୟବହାର କରିବା ଆବଶ୍ୟକ ,ସେ ସମ୍ପର୍କରେ ସୂଚନା ଦେଇଥିଲେ ।ପିଲାମାନଙ୍କ ପାଇଁ ବାପା ମାଆଙ୍କ ତ୍ୟାଗ ଅବର୍ଣ୍ଣନୀୟ ।ତେଣୁ ଆଧୁନିକତାକୁ ଆପଣେଇବାକୁ ଯାଇ ଆମେ ଆମର ଐତିହ୍ୟ ଓ ସଂସ୍କୃତି କୁ ଭୁଲି ଯାଉଥିବା ବେଳେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏହି ଦିବସ ପାଳନ ଅତ୍ୟନ୍ତ ପ୍ରଶଂସନୀୟ ।କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘର ସଂମ୍ପାଦକ ପ୍ରଣବ ମଣ୍ଡଳ ପରିଚାଳନା କରିଥିବା ବେଳେ ବରିଷ୍ଠ ହେବାପରେ ବାପା ମାଆଙ୍କୁ ଅବହେଳା ନ କରିବାକୁ ପରାମର୍ଶ ଦେଇଥିଲେ। ନାତି ନାତୁଣୀ ଓ ଝିଅ ମାନଙ୍କ ମଧ୍ୟରେ ରୁପଶ୍ରୀ ,ସ୍ୱୟଂଶ୍ରୀ ଅଲିଭା ଓ ଶୁଭଶ୍ରୀ ପ୍ରମୁଖ ବରିଷ୍ଠ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଓ ପରିବାରର ସମ୍ପତ୍ତି ବୋଲି ଅଭିହିତ କରିଥିଲେ ।ଶେଷରେ ବରିଷ୍ଠ ନାଗରିକ ମାନଙ୍କୁ ଚନ୍ଦନ,ପୁଷ୍ପ ଓ ଦୀପ ଦେଇ ନାତି ନାତୁଣୀ ମାନେ ପୂଜା କରିଥିଲେ।

# ପଚାରିଲେ ଚାଷୀ, ଉତ୍ତର ରଖିଲେ ମନ୍ତ୍ରୀ








## ଶେଷ ହେଲା "ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡିଶା-୨୦୨୫"
## ୩ ଦିନରେ ୧ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ
## କହିଲେ ସମାବେଶରୁ ଉପଲବ୍ଧ ଜ୍ଞାନ ଆଣିବ ବୃତ୍ତିରେ ପ୍ରଗତି
## ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ଉନ୍ନତି ପାଇଁ ସରକାରଙ୍କ ଅଭିନବ ପ୍ରୟାସ : ଚାଷୀଙ୍କ ସହ ମାନ୍ୟବର ମନ୍ତ୍ରୀଙ୍କ ସିଧାସଳଖ ଭାବ ବିନିମୟ

ଭୁବନେଶ୍ୱର, ତା ୧୯/୦୨/୨୫: ଚାଷୀ ହସିଲେ ରାଜ୍ୟ ହସିବ । ତେଣୁ ଚାଷୀଙ୍କ ପାଖରେ ସେବା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । "ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡିଶା-୨୦୨୫" ଅବସରରେ ଆୟୋଜିତ "ମନ୍ତ୍ରୀଙ୍କୁ ପଚାରନ୍ତୁ" କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ବିଭାଗୀୟ ମନ୍ତ୍ରୀ । ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ଉନ୍ନତି ପାଇଁ ସରକାରଙ୍କ ଏହି ଅଭିନବ ପ୍ରୟାସକୁ ଚାଷୀମାନେ ସ୍ୱାଗତ କରିଥିଲେ । ବିଭିନ୍ନ ଜିଲ୍ଲାରୁ ଆସିଥିବା ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ମାନ୍ୟବର ମନ୍ତ୍ରୀ ସହ କଥା ହୋଇଥିଲେ । କୌଣସି ସରକାରୀ କର୍ମଚାରୀ ସେମାନଙ୍କୁ ହଇରାଣ କଲେ ତୁରନ୍ତ ଚିଠି ଦ୍ୱାରା ଜଣାଇବାକୁ ସେ ଚାଷୀମାନଙ୍କୁ କହିଥିଲେ । ଚାଷୀ ପଚାରିଥିବା କିଛି ପ୍ରଶ୍ନ ଓ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଏହି ସବୁ ଉତ୍ତର ରଖାଯାଇଥିଲା । **୧.ବିଶ୍ୱଜିତ୍ ସ୍ୱାଇଁ, ନାଉଗାଁ,ଜଗତସିଂହପୁର ପ୍ର: ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ବାହାର ରାଜ୍ୟରୁ ଗାଈ ଆଣିବା ଜରୁରୀ କି ?**ଉତ୍ତର: ରାଜ୍ୟର ଦୁଗ୍ଧ ଉତ୍ପାଦନ ନିମନ୍ତେ, ସରକାରଙ୍କର କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନା ମାଧ୍ୟମରେ ବାହାର ରାଜ୍ୟରୁ ଗାଈ ଆଣିବା ଜରୁରୀ ଅଟେ । କାରଣ, ଆମ ରାଜ୍ୟରେ ଏତେ ସଂଖ୍ୟକ ଗାଈ ଏକ ସମୟରେ ଉପଲବ୍ଧ ହୋଇପାରୁନି । ଦ୍ୱିତୀୟରେ କେବଳ ନିଜ ନିଜ ଭିତରେ ଗାଈର ଅଦଳ ବଦଳ ହେବ । ତେଣୁ ଏହି ସମସ୍ୟାକୁ ଦୂର କରିବା ପାଇଁ ରାଜ୍ୟ ସରକାର ବାହାର ରାଜ୍ୟରୁ ଗାଈ ଆଣିବା ପାଇଁ ଯୋଜନା କରିଛନ୍ତି ।**୨. ଗୌତମ ଧାରୁଆ, ଲଖନପୁର, ଝାରସୁଗୁଡ଼ା ପ୍ର: ଗୋ ମୂତ୍ର ଓ ଗୋବର ଖତ କିଣିବା ନିମନ୍ତେ ସରକାରଙ୍କର କିଛି ଯୋଜନା ଅଛି କି ?**ଉତ୍ତର: ଆଗକୁ ଓମ୍ଫେଡ ମାଧ୍ୟମରେ ଗୋବର ଖତକୁ ବ୍ୟବହାର କରି ବାୟୋ ଗ୍ୟାସ କରିବା ନିମନ୍ତେ "ଗୋବର୍ଦ୍ଧନ ଯୋଜନା" ନାମକ ଏକ ନୂଆ ଯୋଜନା ଆରମ୍ଭ କରିବା ନିମନ୍ତେ ବ୍ୟବସ୍ଥା ଯାଉଛି ।**୩. ଆଶୁତୋଷ ପଣ୍ଡା , ପୁରୀପ୍ର: ଆମ ରାଜ୍ୟରେ ଲେୟର ଫାର୍ମ ପାଇଁ ସରକାରଙ୍କର କି ଯୋଜନା ଅଛି ?**ଉତ୍ତର: ୧୦୦୦ କୁକୁଡ଼ା ବିଶିଷ୍ଟ ଲେୟର ଫାର୍ମ ପ୍ରତିଷ୍ଠା ନିମନ୍ତେ ୟୁନିଟ ପିଛା ୮.୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ଯୋଜନାରେ ରାଜ୍ୟ ସରକାର ଅନୁସୂଚିତ ଜାତି, ଜନଜାତି ବର୍ଗ, ମହିଳା ଚାଷୀ, ଟ୍ରାନ୍ସଜେଣ୍ଡର ଓ ଦିବ୍ୟାଙ୍ଗଙ୍କୁ ମୋଟ ଖର୍ଚ୍ଚ ଅଟକଳର ୬୦ ପ୍ରତିଶତ ସରକାରୀ ସହାୟତା ଓ ସାଧାରଣ ବର୍ଗର ପୁରୁଷମାନଙ୍କୁ ମୋଟ ଖର୍ଚ୍ଚ ଅଟକଳର ୫୦ ପ୍ରତିଶତ ସରକାରୀ ସହାୟତା ରାଶି ଯୋଗାଇ ଦେଉଛନ୍ତି । ଆପଣମାନେ ମଧ୍ୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବଡ ଆକାରର ଲେୟର ଫାର୍ମ ପ୍ରତିଷ୍ଠା କରିପାରିବେ ଏବଂ ଏଥିପାଇଁ ୪୦ ରୁ ୫୦ ପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।**୪. ଓଡ଼ିଶା ପିଗାରି ଆସୋସିଏସନ୍, ନିଆଳି, କଟକପ୍ର: ଘୁଷୁରୀମାନଙ୍କୁ କେଉଁ କେଉଁ ରୋଗ ପାଇଁ ଟୀକାକରଣ କରା ଯାଉଅଛି ? ଏବଂ ୧୦୦ ରୁ କମ ଘୁଷୁରୀ ଫାର୍ମକୁ ପ୍ରଦୂଷଣ ପ୍ରମାଣ ପତ୍ରରୁ ବାଦ୍ ଦେବା ନିମନ୍ତେ ମାନ୍ୟବର ମନ୍ତ୍ରୀ ବିଚାର କରିବେ କି ?**ଉତ୍ତର: ଘୁଷୁରୀମାନଙ୍କୁ ସରକାରଙ୍କ ତରଫରୁ ସ୍ୱାଇନ ଫାଇଭର୍ ଓ ଫାଟୁଆ ରୋଗ ନିମନ୍ତେ ଭାରତ ସରକାରଙ୍କ ତରଫରୁ ଚାଲିଥିବା ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିରାକରଣ ଯୋଜନା ମାଧ୍ୟମରେ ନିଶୁଳ୍କ ଟୀକାଦାନର ବ୍ୟବସ୍ଥା ରହିଛି ।ଘୁଷୁରୀ ଫାର୍ମ ପ୍ରତିଷ୍ଠା ପାଇଁ ପ୍ରଦୂଷଣ ପ୍ରମାଣପତ୍ର ବିଷୟରେ ସରକାର ଆବଶ୍ୟକୀୟ ବିଚାର କରୁଛନ୍ତି ।**୫. ଶିବାନନ୍ଦ କୁଲ୍‌ହାରିୟା, ସୁନ୍ଦରଗଡ଼ ପ୍ର: ସରକାରଙ୍କ ବିଭିନ୍ନ ଯୋଜନା ନିମନ୍ତେ ଦରଖାସ୍ତ କରିବା ପାଇଁ 'ଗୋ ସୁଗମ'ରେ ଅନଲାଇନ ଦରଖାସ୍ତ ନକରି ପାରିଲେ ଅଫଲାଇନ ମାଧ୍ୟମରେ ଦରଖାସ୍ତ କରିହେବ କି ?**ଉ: ଅନଲାଇନ ମାଧ୍ୟମରେ "ଗୋ ସୁଗମ" ପୋର୍ଟାଲରେ ଦରଖାସ୍ତ କରିବାରେ କିଛି ଅସୁବିଧା ହେଲେ ଦରଖସ୍ତ ଫର୍ମଟିକୁ ନିର୍ଭୁଲ ଭାବେ ପୂରଣ କରି ନିକଟସ୍ଥ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ବା ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦରଖାସ୍ତ କରି ପାରିବେ । ଏହା ବ୍ୟତୀତ ନିକଟସ୍ଥ ମୋ ସେବା କେନ୍ଦ୍ରରେ ମଧ୍ୟ ଦରଖାସ୍ତ କରିପାରିବେ । ଚାଷୀମାନେ ସିଧାସଳଖ ମନ୍ତ୍ରୀଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ସମସ୍ୟାର ସମାଧାନ ବିଷୟରେ ଅବଗତ ହୋଇଥିବାରୁ ଖୁସି ପ୍ରକାଶ କରିଥିଲେ । ଏହି ତିନି ଦିନିଆ ରାଜ୍ୟସ୍ତରୀୟ ସମାବେଶରେ ମତ୍ସ୍ୟଚାଷ ଓ ପ୍ରାଣିପାଳନ ସହ ଜଡ଼ିତ ବିଭିନ୍ନ ପ୍ରଦର୍ଶନୀ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ । ଏହି ତିନି ଦିନିଆ ସମାବେଶରେ ପ୍ରାୟ ୧ ଲକ୍ଷରୁ ଅଧିକ ମତ୍ସ୍ୟଚାଷୀ, ପ୍ରାଣିପାଳକ, ଉଦ୍ୟୋଗୀ, ବିଶେଷଜ୍ଞ ଓ ସାଧାରଣ ଦର୍ଶକଙ୍କ ସମାଗମ ହୋଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମହିଳା କମ୍ୟୁନିଟି ସପୋଟ୍ର ଷ୍ଟାଫ୍



ଭୁବନେଶ୍ୱର,୧୯/୨: ପୂର୍ବ ସରକାର ମହିଳା ସଶକ୍ତିକରଣ ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରିଥିଲେ। କେବଳ ନିଯୁକ୍ତି ଦେଇଦେଲେ ତ ହବନି, ସେମାନଙ୍କ ପାରିଶ୍ରମିକ ମଧ୍ୟ ସେମାନଙ୍କୁ ଦେବା ଦରକାର ଥିଲା। ଗତ ସରକାର ସେମାନଙ୍କୁ ଅଣଦେଖା କରିଥିଲେ ଏବଂ ଗତ ୧୦ ମାସ ହେଲାଣି ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ପାରିଶ୍ରମିକ ପାଇ ନାହାନ୍ତି । ଆମ ସରକାର କ୍ଷମତାକୁ ଆସିବା ପରେ, ଏହାକୁ ଗୁରୁତ୍ୱର ସହ ନେଇ ସେମାନଙ୍କ ବକେୟା ପାରିଶ୍ରମିକ ଓ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ମହିଳାଙ୍କୁ ଲକ୍ଷପତି ବନାଇବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ଆମେ ନିଶ୍ଚୟ ସଫଳ କରିବା। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟର ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ 'ଲକ୍ଷପତି ଦିଦି ଯୋଜନା' କାର୍ଯ୍ୟକାରୀ ନିମନ୍ତେ ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିବୃତ୍ତି ଦେବାପରେ ଶନିବାର ମଧ୍ୟାହ୍ନରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା କମ୍ୟୁନିଟି ସପୋଟ୍?ର୍ ଷ୍ଟାଫ୍ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ମହିଳାଙ୍କୁ ନିଜ ଭଉଣୀ ଭାବେ ସମ୍ବୋଧନ କରିବା ସହିତ ରାଜ୍ୟ ସରକାର ୨୦୨୭ ସୁଦ୍ଧା ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବାପାଇଁ ଲକ୍ଷ୍ୟ ରଖିଛନ୍ତି। ସମସ୍ତେ ନିଜେ ଲକ୍ଷ ପତି ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ଲକ୍ଷପତି ହେବା ପାଇଁ ସାହାଯ୍ୟ କରନ୍ତୁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଲକ୍ଷପତି ଦିଦି ଯୋଜନା ହେଉଛି ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ସ୍ୱପ୍ନ। ଆପଣ ସମସ୍ତଙ୍କ ଉଦ୍ୟମରେ ପ୍ରଧାନମନ୍ତ୍ରୀଙ୍କର ଏହି ଲକ୍ଷ୍ୟ ପୂରଣ ହେବ। ସୁଭଦ୍ରା ଯୋଜନାରେ ମିଳୁଥିବା ସହାୟତା ରାଶିକୁ ବିଭିନ୍ନ ବ୍ୟବସାୟରେ ବିନିଯୋଗ କରି ଘରର ରୋଜଗାର ବଢ଼ାଇବାକୁ ହେବ। ଓଡ଼ିଶାରେ 'ଲକ୍ଷପତି ଦିଦି ସହାୟତା ଯୋଜନା' ଲାଗୁ ହେବ ବୋଲି ଶୁକ୍ରବାର ଘୋଷଣା ହୋଇଛି। ଏହି ଯୋଜନାରେ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ସାମିଲ କରାଯିବ। ସେମାନଙ୍କ ବକେୟା ପାରିଶ୍ରମିକ ସହ ନିୟମିତ ପାରିଶ୍ରମିକ ପ୍ରଦାନ କରାଯିବ ଏବଂ ଜିପିଏଲଏଫ ମାନଙ୍କୁ ସୁଦୃଢ କରାଯିବ। ଲକ୍ଷପତି ଦିଦି ସହାୟତା ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଜିପିଏଲଏଫଗୁଡ଼ିକ ସୁଦୃଢ଼ ହେବେ। ପୂର୍ବରୁ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି ବର୍ତ୍ତମାନ ଏହି ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେବା ସହ ସମୃଦ୍ଧ ମଧ୍ୟ ହେବେ। 'ଲକ୍ଷପତି ଦିଦି ଯୋଜନା' ମାଧ୍ୟମରେ ମହିଳା କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦ ଅର୍ଥ ବର୍ତ୍ତମାନ ପାଇଁ ସରକାର ବହନ କରିବେ। ଏଥିପାଇଁ ଜିପିଏଲଏଫ୍‌ଙ୍କୁ ଅନୁଦାନ ପ୍ରଦାନ କରାଯିବ। ରାଜ୍ୟର ୬୨ ହଜାରରୁ ଊର୍ଦ୍ଧ୍ୱ ମହିଳା କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏହା ମାଧ୍ୟମରେ ଉପକୃତ ହେବେ ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

## ଶିଳ୍ପ ଓ କୃଷି କ୍ଷେତ୍ରର ସଠିକ ପରିଚାଳନା ହୋଇପାରିଲେ ଓଡ଼ିଶା ଦକ୍ଷିଣ ପୂର୍ବ ଏସିଆର ସର୍ବୋତ୍କୃଷ୍ଟ ଆର୍ଥିକ ଅଂଚଳ ଭାବେ ଉଭା ହୋଇପାରିବ: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ତା ୧୯ ।୨: ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର । ଏଠାରେ ସବୁ ପ୍ରକାରର ଖଣିଜ ସମ୍ପଦ ଭରି ରହିଛି । ଏହାଛଡା ଏକ ଭଲ କୃଷି ଜଳବାୟୁ ରହିଛି । ଶିଳ୍ପ ସହିତ କୃଷିକୁ ଠିକଣା ବାଟରେ ତଥା ଆବଶ୍ୟକ ଷ୍ଟ୍ରାଟେଜି ସହିତ ଆଗକୁ ନେଇପାରିଲେ ଏ ରାଜ୍ୟ ଦକ୍ଷିଣ ପୂର୍ବ ଏସିଆରେ ସବୁଠାରୁ ଏକ ଉନ୍ନତ ରାଜ୍ୟ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ରବିବାର ଦିନ ଇଂରାଜୀ ଖବରକାଗଜ ଇଣ୍ଡସ୍ ଭ୍ୟାଲି ଟାଇମ୍ସର ଦ୍ୱାରା ଆୟୋଜିତ 'ଭାଇବ୍ରାଣ୍ଟ ଓଡ଼ିଶା କନକ୍ଲେଭ ୨୦୨୫' ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସିଂହଦେଓ କହିଲେ ଯେ ୨୦୦୨ ମସିହାରେ ସେ ଶିଳ୍ପମନ୍ତ୍ରୀ ଥିବା ବେଳେ ଯେଉଁ ଶୀଳ୍ପନୀତି ପ୍ରସ୍ତୁତ କରାଯାଇଥିଲା ତାହା ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ବେଗ ଦେଇଥିଲା । ଏବେ ସେ କୃଷି ମନ୍ତ୍ରୀ ଭାବରେ ଜୈବିକ କୃଷି ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଶିଳ୍ପ ଓ କୃଷି ଅର୍ଥନୀତି ଅଭିବୃଦ୍ଧିର ଦୁଇଟି ମୁଖ୍ୟ କାରକ । ବିଧାନସଭାରେ ସରକାରୀ ଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ କହିଲେ ଯେ ଓଡ଼ିଶାରେ ବର୍ତ୍ତମାନର ମୋହନ ମାଝି ସରକାର ଶିଳ୍ପ ଓ କୃଷିକୁ ବେଶ୍ ପ୍ରାଧାନ୍ୟ ଦେଉଛନ୍ତି । ଉତ୍କର୍ଷ ଓଡ଼ିଶାରେ ଆମ ରାଜ୍ୟ ପଶ୍ଚିମବଙ୍ଗ ତୁଳନାରେ ଚାରିଗୁଣ ପୁଞ୍ଜି ପ୍ରତିଶ୍ରୁତି ପାଇବା ଏକ ବଡ ଉପଲବ୍?ଧି ଥିଲା । ଏହା ମୋହନ ମାଝି ସରକାରଙ୍କ ଉପରେ ଶିଳ୍ପପତିମାନଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି ସେ କହିଥିଲେ । ପୂର୍ବତନ ଅର୍ଥମନ୍ତ୍ରୀ ଓଡ଼ିଶାର ଅର୍ଥନୀତି ଏବେ ଠିକଣା ବାଟରେ ଚାଲିଛି ବୋଲି କହିଥିଲେ । ୨୦୦୫-୦୬ରୁ ରାଜ୍ୟର ବଜେଟ୍ ବଳକା ହେବା ପରଠାରୁ ରାଜ୍ୟ ସରକାର ବିକାଶମୂଳକ କାର୍ଯ୍ୟକ୍ରମମାନ ହାତକୁ ନେଇପାରୁଛନ୍ତି । ଏବେ ଏ ରାଜ୍ୟର ଭିତ୍ତିଭୂମିକୁ ଆହୁରି ଦୃଢ଼ିଭୂତ କରିବା ସହିତ ସାମାଜିକ କ୍ଷେତ୍ର ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବିଶିଷ୍ଟ ଅର୍ଥନୀତିଜ୍ଞ ରାଜେନ୍ଦ୍ର ପ୍ରସାଦ ଗୁପ୍ତା କହିଥିଲେ ଯେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ହେବାକୁ ହେଲେ ରାଜ୍ୟର ବାର୍ଷିକ ଆର୍ଥିକ ବିକାଶର ହାର ୧୧ ପ୍ରତିଶତ ହେବା ଆବଶ୍ୟକ । ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ସଭାପତି ପ୍ରଶାନ୍ତ ହୋତା ସମାବେଶୀ ବିକାଶ ଉପରେ ରାଜ୍ୟ ସରକାର ଗୁରତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । କେବଳ ସେତିକି ନୁହେଁ ଏଠାରେ ଅକ୍ଷୟ ଶକ୍ତି ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଅର୍ଗସ ନ୍ୟୁଜ୍ ଚ୍ୟାନେଲ୍ ସମ୍ପାଦକ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ପ୍ରଭାସ ମିଶ୍ର ପ୍ରସଙ୍ଗ ଉପସ୍ଥାପନ କରିଥିବା ବେଳେ ବରିଷ୍ଟ ସମ୍ବାଦିକ ଶ୍ରୀରାମ ଦାଶ ଓ ଅକ୍ଷୟ କୁମାର ସାହୁ ସଭା ପରିଚାଳନା କରିଥିଲେ । ଏହି ଅବସରରେ ୧୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମାଜକୁ ସେମାନଙ୍କର ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' ଆୟୋଜିତ

ଭୁବନେଶ୍ୱର, (୧୯/୨): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପକ୍ଷରୁ ଆୟୋଜିତ ହେଉଛି ରାଜ୍ୟ ସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' । ଏହି ରାଜ୍ୟ ସ୍ତରୀୟ ନାଟକ ଉତ୍ସବ ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ହେବ। ଆଜିର ଉଦଘାଟନୀ ସମାରୋହରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ନାଟ୍ୟକାର ଶ୍ରୀ ଦୋଳଗୋବିନ୍ଦ ରଥ, ବିଜୟ ଶତପଥୀ ପ୍ରମୁଖ ଉପସ୍ଥିତ ରହି ନାଟକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ିଆ ନାଟ୍ୟ ପରମ୍ପରା କାଳଜୟୀ ଏବଂ ଆମ ଓଡ଼ିଆ ସଂସ୍କୃତି ଆଜି ବିଶ୍ୱବିଦିତ ବୋଲି ମୁଖ୍ୟ ଅତିଥି ଶ୍ରୀ ବାବୁ ସିଂ ନିଜ ଅଭିଭାଷଣରେ କହିଥିଲେ। ଆଜି ପ୍ରଥମ ସନ୍ଧ୍ୟାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୀବନୀକୁ ଆଧାର କରି ମଞ୍ଚାୟିତ ହୋଇଥିଲା ନାଟକ 'ନିଃସଙ୍ଗ ନାୟକ' । ଓଡ଼ିଆ ସାହିତ୍ୟ, ସଂସ୍କୃତି, ନାଟକ, ଓଡ଼ିଶୀ ସଂଗୀତ ଓ ନୃତ୍ୟ ଦିଗରେ ରହିଥିବା ତାଙ୍କର ଅତୁଳନୀୟ ଅବଦାନକୁ ନାଟକରେ ଖୁବ ସୁନ୍ଦର ଭାବେ ଚିତ୍ରିତ କରାଯାଇଥିଲା। ଜୀବନର ପ୍ରତିଟି ଘାତ ପ୍ରତିଘାତର ସାମ୍ନା କରି କବିଚନ୍ଦ୍ର କିପରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତାହାକୁ ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ ନାଟ୍ୟ ରଚୟିତା ଡ଼. ଶୈଳେଶ୍ୱର ନନ୍ଦ, ନିର୍ଦ୍ଦେଶକ ଶ୍ରୀ ଶ୍ରୀମନ ନାରାୟଣ ମିଶ୍ର ଓ କ୍ୟାନମାସ ସାଂସ୍କୃତିକ ଅନୁଷ୍ଠାନର କଳାକାର। ଆଜି ପ୍ରେକ୍ଷାଳୟରେ ନାଟକ ପ୍ରଦର୍ଶିତ ହେଉଥିବା ବେଳେ ନାଟକ ଦେଖିବା ପାଇଁ ଭଞ୍ଜକଳା ମଣ୍ଡପରେ ଦକ୍ଷିଣ କୋରିଆରୁ ଆସିଥିବା ଦର୍ଶକମାନେ ଉପସ୍ଥିତ ଥିଲେ। ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଥିବା ଏହି ନାଟକଟିକୁ ଦେଖି ଦକ୍ଷିଣ କୋରିଆର ଦର୍ଶକମାନେ ଏହାର ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶଯୋଗ୍ୟ ଯେ, ଆଗାମୀ ଦିନରେ ଏହି ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ନିଚ୍ଛକ ଓଡ଼ିଆ ନାଟକ 'ଦାନାପାଣି', 'ଚିତ୍ରପ୍ରତିମା', 'ମାଗୁଣିର ଶଗଡ଼', 'ଆସ୍ଥା' ଆଦି ପ୍ରଦର୍ଶିତ ହେବ। ଆଜିର କାର୍ଯ୍ୟକ୍ରମକୁ ସଂସ୍କୃତି ବିଭାଗ ଅଧିକାରୀ ଶ୍ରୀମତୀ ଭାଗ୍ୟଲିପି ମଲ୍ଲ ପରିଚାଳିତ କରିଥିଲେ।

## କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଲା ଏଫଆଇଏଚ ପ୍ରୋ ଲିଗ




ଭୁବନେଶ୍ୱର: ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଏଫଆଇଏଚ ପ୍ରୋ ଲିଗ ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ପ୍ରଥମ ଦିନରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମ୍ୟାଚରେ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ। ଆଜି ପ୍ରଥମ ଦିନରେ ମହିଳା ହକି ବର୍ଗରେ ୨ଟି ଏବଂ ପୁରୁଷ ହକି ବର୍ଗରେ ୧ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ପେନ ଓ ଜର୍ମାନୀ ମହିଳା ହକି ଦଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ସ୍ପେନ ମହିଳା ହକି ଦଳ ବିଜୟ ହାସଲ କରିଥିବା ବେଳେ ଭାରତ ଓ ଇଂଲଣ୍ଡ ମହିଳା ହକି ଦଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ଭାରତୀୟ ମହିଳା ହକି ଦଳ ବିଜୟ ହାସଲ କରିଥିଲେ। ଶେଷରେ ଭାରତ ଓ ସ୍ପେନ ପୁରୁଷ ହକି ଦଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ସ୍ପେନ ପୁରୁଷ ହକି ଦଳ ବିଜୟ ହାସଲ କରିଥିଲେ। ଆଜି କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଅନୁଷ୍ଠିତ ହେଉଥିବା ସମୟରେ ଅନେକ ଦର୍ଶକ ଓ କ୍ରୀଡ଼ା ପ୍ରଶଂସକମାନେ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ।

## କଟକ ଜିଲ୍ଲା କୁମ୍ଭକାର ସଙ୍ଘର ସାଙ୍ଗଠନିକ ବୈଠକ

ମାର୍ଶାଘାଇ, ୧୯/୨ ସାଲେପୁର ରୋଧପୁରସ୍ଥ ଶାରଳା ମନ୍ଦିର ପରିସରରେ କଟକ ଜିଲ୍ଲା କୁମ୍ଭକାର ସଙ୍ଘର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଏବଂ ହସ୍ତଶୀଳ୍ପୀ ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା କ୍ଷ କଟକ ଜିଲ୍ଲା ସଙ୍ଘ ସଭାପତି ଭାସ୍କର ଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ବ୍ଲକ ସଙ୍ଘ ର ବରିଷ୍ଠ ସଦସ୍ୟ ବିଚିତ୍ରାନନ୍ଦ ବେହେରା ସଭାପତିତ୍ୱ କରିଥିଲେ କ୍ଷ ଓଡିଶା କୁରାଳ ମହାସଂଘ ର ଉପସଭାପତି ବିଷ୍ଣୁ ଚରଣ ବେହେରା, ସମ୍ପାଦକ ଜୟରାମ ସାହୁ, କଟକ ଜିଲ୍ଲା ସଙ୍ଘ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଜିଲ୍ଲା ମହିଳା ସଂଗଠନ ସଭାନେତ୍ରୀ ସସ୍ମିତା ବେହେରା,କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଘ ସମ୍ପାଦକ ବିଚିତ୍ରାନନ୍ଦ ବେହେରା,ଜଗତସିଂହପୁର ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଯାଜପୁର ଜିଲ୍ଲାର ସଞ୍ଜୟ କୁମାର ବେହେରା, କଟକ ଚୌଦ୍ୱାର ର ବିଜୟ କୁମାର ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ କ୍ଷ ରାଜ୍ୟ ସରକାରଙ୍କ ହସ୍ତଶୀଳ୍ପ ବିଭାଗ ପକ୍ଷରୁ ଥିବା ଯୋଜନା ଏବଂ ସେହି ଯୋଜନାର ଲାଭ ପାଇବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା କ୍ଷ କଟକ ଜିଲ୍ଲା ସଂଗଠନକୁ ସୁଦୃଢ କରି ସରକାରଙ୍କ ନିକଟରେ ବିଭିନ୍ନ ଦାବୀ ରଖିବାକୁ କଟକ ଜିଲ୍ଲା ସଙ୍ଘ ସମ୍ପାଦକ ପ୍ରସ୍ତାବ ଆଗତ କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ